**ଦାଦାବଟି ମାଗିବା ଅଭିଯୋଗରେ ୩ ଗିରଫ**

ବାରଙ୍ଗ,(ଲିଙ୍ଗରାଜ ରାଉତ): ଦାଦାବଟି ମାଗିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ରଘୁନାଥପୁର ଗ୍ରାମର ବଳରାମ ରାଉତ ଓରଫ ବଳିଆ, ନୟାଗଡ଼ ଗଣିଆର ସୁଜନା ବେହେରା, ସାଲିଆ ସାହି ଶକ୍ତି ବିହାରର ମହିଳା ଦିଲାଜନ ମହାନ୍ତି ଏନେଇ ପୋଲିସ ୯୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସେମାନଙ୍କଠାରୁ ଗୋଟିଏ ଭୁଜାଲି ଓ ଘଟଣାରେ ବ୍ୟବହୃତ ଏକ କାର୍‌କୁ ଜବତ କରିଛି। ରଘୁନାଥପୁର ଗ୍ରାମର ଦୀପକ କୁମାର ରାଉତଙ୍କ ଅଭିଯୋଗ ଆଧାରରେପୋଲିସ ଏହି ପଦକ୍ଷେପ ନେଇଛି।

## କୃଷି ମହାବିଦ୍ୟାଳୟ ହଷ୍ଟେଲରେ ନାଗସାପ

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)

ଓୟୁଏଟି କୃଷି ମହାବିଦ୍ୟାଳୟ ହଷ୍ଟେଲ ନଂ. ୨ (ଗୋଦାବରୀଶ ଛାତ୍ରାବାସ)ରୁ ଏକ ୪ଫୁଟିଆ ନାଗସାପ ଉଦ୍ଧାର କରାଯାଇଛି। ସାପଟି ଛାତ୍ରାବାସର ଗାଧୁଆ ଘର ଭିତରେ



ନଳା ପାଖରେ ଥିବା ଷ୍ଟିଲ୍ ଜାଲି ଭିତରେ ମୁଣ୍ଡ ଭର୍ତ୍ତି କରି ଫସି ରହିଥିଲା। ସ୍ନେକ ହେଲ୍ପ ଲାଇନ୍‌ର ସଦସ୍ୟ ଅରୁଣ ବରାଳ ପହଞ୍ଚି ଶାବଳରେ ପ୍ରଥମେ ଜାଲିଟିକୁ ତାଡି ଦେଇଥିଲେ।ଏଥିସହ ଷ୍ଟିଲ ଜାଲିରେ ଫସି ଥିବା ଅବସ୍ଥାରେ ସାପକୁ ବ୍ୟାଗରେ ଭର୍ତ୍ତି କରି ନେଇଥିଲେ। ଶନିବାର ସକାଳେ ସ୍ନେକ ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କ ସହ ଅରୁଣ ମିଶି ଷ୍ଟିଲ ଜାଲିକୁ କାଟିବା ପରେ ସାପଟି ମୁକ୍ତ ହୋଇଥଲା। ଆବଶ୍ୟକ ଚିକିତ୍ସା ପରେ ସହର ବାହାରେ ଏକ ପ୍ରାକୃତିକ ଆବାସ ସ୍ଥଳୀରେ ଛାଡ଼ି ଦିଆଯାଇଥିଲା।

# ଚା' ଦୋକାନରେ ନିଶା ବେପାର, ୩ ଗିରଫ

- ୧୭୩ ଗଞ୍ଜେଇ ସିଗାରେଟ,୧୧୦ ଗ୍ରାମ୍ ଗଞ୍ଜେଇ ଜବତ
- ସ୍ପେଶାଲ କ୍ରାଇମ୍ ୟୁନିଟ ଓ ଶହୀଦନଗର ପୋଲିସର ଚଢ଼ାଉ

ଭୁବନେଶ୍ୱର,୨୨।୩ (ସୂର୍ଯ୍ୟକାନ୍ତ ବେହେରା)



ଗିରଫ ୩ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ସିଗାରେଟ।

ଦିନକୁ ଦିନ ରାଜଧାନୀରେ ନିଶା କାରବାର ବଢ଼ିବାରେ ଲାଗିଛି। ଲାଭ ପାଇଁ ନିଶାବେପାରୀ ଅଭିନବ ଉପାୟରେ ଗ୍ରାହକଙ୍କ ନିକଟରେ ନିଶାଦ୍ରବ୍ୟ ଯୋଗାଉଛନ୍ତି। ପୋଲିସ ଓ ଅବକାରୀ ଟିମ୍ ଆଖିରେ ଧୂଳି ଦେଇ କେତେବେଳେ ଥଣ୍ଡା ପାଣିରେ ଦେଶୀମଦ ବିକ୍ରି କରୁଛନ୍ତି ତ' ପୁଣି କେତେବେଳେ ସିଗାରେଟରେ ଗଞ୍ଜେଇ ଭର୍ତ୍ତି କରି ଗ୍ରାହକଙ୍କ ନିକଟରେ ଯୋଗାଉଛନ୍ତି। ଏହି କାରବାରରେ କେତେକ ଦୋକାନୀ ମଧ୍ୟ ସାମିଲ ହୋଇଥିବାରୁ ଚିନ୍ତା ବଢ଼ିଛି। ଭୁବନେଶ୍ୱର ଆଚାର୍ଯ୍ୟ ବିହାର ବିଶ୍ୱେଶ୍ୱର ବସ୍ତି ଅଞ୍ଚଳର ଥିବା ଏକ ପାନ ଓ ଚା' ଦୋକାନରେ ସ୍ପେଶାଲ କ୍ରାଇମ ୟୁନିଟ ଓ ଶହୀଦନଗର ପୋଲିସର ମିଳିତ ଚଢ଼ାଉ ପରେ ଘଟଣା ସାମ୍ନାକୁ ଆସିଛି। ଚଢ଼ାଉ ବେଳେ ଦୁଇଟି ଦୋକାନରୁ ୧୭୩ଟି ଗଞ୍ଜେଇ ସିଗାରେଟ ଓ ୧୧୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି। ଏହାସହ ଘଟଣାରେ ସମ୍ପୃକ୍ତ ଦୁଇ ଦୋକାନୀଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମଞ୍ଚେଶ୍ୱର ଗାଡ଼କଣ ଅଞ୍ଚଳର ଅମନ କୁମାର(୨୯), ପାହାଳ ନହରକଣ୍ଟାର ରଶ୍ମି ରଞ୍ଜନ(୨୪) ଏବଂ ଶହୀଦନଗର ବିଶ୍ୱେଶ୍ୱର ବସ୍ତିର ହୃଷୀକେଶ ପାଣିଗ୍ରାହୀ(୬୦)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ଜିଲା ଅବକାରୀ ଟିମ୍ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଭେରାଇଟି ଷ୍ଟୋରରେ ଶୁକ୍ରବାର ମଧ୍ୟାହ୍ନରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ଠାବ କରିଥିଲା। ପ୍ରାୟ ୫ଟି କ୍ୟାରେଟ୍‌ରେ ଦେଶୀ ମଦ ଭର୍ତ୍ତି ଥିବା ୨୦୦ କୋଲ୍ଡ ଡ୍ରିଙ୍କ୍ସ ବୋତଲକୁ ଅବକାରୀ ଟିମ୍ ଜବତ କରିଥିଲା। ଏହି ମାମଲାରେ ଭେରାଇଟି ଷ୍ଟୋର ମାଲିକ କାର୍ତ୍ତିକ ଚନ୍ଦ୍ର ନନ୍ଦ(୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ବସ୍ ଷ୍ଟପ୍‌ରୁ ଗଞ୍ଜେଇ ବେପାରୀ ଗିରଫ

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା): ବସ୍‌ରେ ଗଞ୍ଜେଇ ଚୋରା ଚାଲାଣ କରିବା ପୂର୍ବରୁ ଅବକାରୀ ଟିମ୍ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ମାର୍ଶାଘାଇ ଥାନା ଅଞ୍ଚଳର ମାନସ ବେହେରା। ତାଙ୍କଠାରୁ ୭କେଜି ଗଞ୍ଜେଇ ଜବତ ହୋଇଛି।ଏନେଇଅବକାରୀପୋଲିସଏକମାମଲାରୁଜୁକରିଅଭିଯୁକ୍ତଙ୍କୁକୋର୍ଟଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଶହୀଦନଗର ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାର ନିକଟସ୍ଥ ବସ୍‌ଷ୍ଟପରେ ଅପେକ୍ଷା କରିଥିବାବେଳେ ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ୍ ତାଙ୍କୁ କାବୁ କରିଥିଲା।

## ମଞ୍ଚେଶ୍ୱରରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ, ଖର୍ଚ୍ଚ ହେବ ୮.୪୪ କୋଟି



ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଅନ୍ୟମାନେ।

ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

**ଇକୋର୍ସା ବାର୍ଷିକ ସାଧାରଣ ପରିଷଦ ବୈଠକ**

ମଞ୍ଚେଶ୍ୱରରେ ୮.୪୪ କୋଟି ବ୍ୟୟରେ ଏକ ଅତ୍ୟାଧୁନିକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯାଉଛି। ବ୍ୟାଡ୍‌ମିଣ୍ଟନ, ଜିମ୍ନାଷ୍ଟିକ୍ସ, କବାଡି, ଭଲିବଲ ଏବଂ ଭାରୋତ୍ତୋଳନ ଆଦି କ୍ରୀଡ଼ା ପାଇଁ ଏହି ଷ୍ଟାଡିୟମ ବ୍ୟବହାର କରାଯିବ। ରେଳସଦନରେ ଅନୁଷ୍ଠିତ ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋର୍ସା)ର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଏହି ସୂଚନା ପ୍ରଦାନ କରାଯାଇଛି। ଏଥିରେ ଅଧ୍ୟକ୍ଷତା କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ରେଳପଥରେ କ୍ରୀଡାର ବିକାଶ ସହିତ ଭିତ୍ତିଭୂମି ଉନ୍ନତି କ୍ଷେତ୍ରରେ ବିଶେଷ ପଦକ୍ଷେପ ନେବାକୁ କହିଛନ୍ତି। ଇକୋର୍ସାର ସଭାପତି ତଥା ପ୍ରମୁଖ ମୁଖ୍ୟ ସିଗ୍‌ନାଲ ଆଣ୍ଡ୍ ଟେଲିକମ୍ ଇଞ୍ଜିନିୟର ଡ. ହେମନ୍ତ କାଗ୍ରା ଏବଂ ସମସ୍ତ ବିଭାଗୀୟ ମୁଖ୍ୟଙ୍କ ସହିତ ମଣ୍ଡଳ ରେଳପଥ ପ୍ରବନ୍ଧକମାନେ ଯୋଗଦେଇଥିଲେ। ଉଦୀୟମାନ କ୍ରୀଡାବିତ୍‌ଙ୍କୁ ତାଲିମ ଓ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକ ମାନଦଣ୍ଡ ଅନୁଯାୟୀ ଭିତ୍ତିଭୂମି ପ୍ରତିଷ୍ଠା କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଯୁବ ପ୍ରତିଭାଙ୍କୁ ଖୋଜିବା ଏବଂ ପ୍ରୋତ୍ସାହିତ କରିବା ପାଇଁ ତୃଣମୂଳ ସ୍ତରରେ କ୍ରୀଡାର ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଇକୋର୍ସା ଘୋଷଣା କରିଛି ଯେ, ରେଳପଥର ଏହି କ୍ରୀଡା ଭିତ୍ତିଭୂମିକୁ ଏହାର କ୍ରୀଡା ଏକାଡେମୀ ମାଧ୍ୟମରେ ସାଧାରଣ ଲୋକଙ୍କ ପାଇଁ ଖୋଲାଯିବ। ଏଠାରେ କ୍ରିକେଟ, ଭଲିବଲ, ଟେନିସ, ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ବାସ୍କେଟବଲ, ପହଁରିବା ଏବଂ ସୁଟିଂ ତାଲିମ ସୁବିଧା ପ୍ରଦାନ କରାଯିବ।

## ଗୋଠପାଟଣାରେ ଲୟୋଲା ସ୍କୁଲ ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠ ଗୋଠପାଟଣା ଠାରେ ଏକ୍ସଆଇଏମ୍‌ବି ୟୁନିଭର୍ସିଟି ବିଶ୍ୱବିଦ୍ୟାଳୟ ଅଧୀନରେ ଲୟୋଲା ସ୍କୁଲ ଖୋଲିଛି। ଶନିବାର ଏହା ଉଦ୍‌ଘାଟିତ ହୋଇଯାଇଛି। ପ୍ରାୟ ୧୦ ଏକର ଜମିରେ ଅନୁକୂଳ ଶୈକ୍ଷିକ ପରିବେଶ ମଧ୍ୟରେ ଏହି ସ୍କୁଲ ନିର୍ମାଣ କରାଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ସିବିଏସ୍‌ଇ) ଅନୁବନ୍ଧିତ ଏହି ସ୍କୁଲରେ ବର୍ତ୍ତମାନ ଏଲ୍‌କେଜିଠାରୁ ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ର ପାଠ ପଢ଼ିବେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଆର୍କବିଶପ୍ ରେଭେରେଣ୍ଡ ଜନ୍ ବାରୱା (ଏସ୍‌ଭିଡି), ଫାଦର ଜେରୋମ୍ କୁଟିନା, ରାଜୀବ କୌଲ, ଫାଦର ଆଣ୍ଟୋନୀ ଆର୍ ଉଭାରୀ, ଜ୍ୟାକଲିନ୍ ଜେସୁ, ଡ. ମ୍ୟାରୀ ମାର୍ଗାରେଟ୍ ନିର୍ମଳା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗୋଠପାଟଣା ଲୟୋଲା ସ୍କୁଲର ଫାଦର ଭିକ୍ଟର ଯୋଶେଫ୍ ଧନ୍ୟବାଦ ଦେଇଥିଲେ।

## ଆରମ୍ଭ ହେଲା 'କଳାଭୂମି ଉତ୍ସବ'



ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୨୨।୩ (ବନ୍ଦନା ସେଠୀ)

ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟଠାରେ ସପ୍ତମ 'କଳାଭୂମି ଉତ୍ସବ' ଶନିବାର ଉଦ୍‌ଘାଟିତ ହୋଇଯାଇଛି। ୫ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ଗରିମାମୟ ହସ୍ତତନ୍ତ ଓ ହସ୍ତଶିଳ୍ପର ସମୃଦ୍ଧ ପରମ୍ପରାକୁ ଆଗେଇ ନେବା ପାଇଁ ବିଭାଗ ପ୍ରତିଶ୍ରୁତିବଦ୍ଧ ବୋଲି କମିଶନର ମତ ଦେଇଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ଅତିରିକ୍ତ ଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ପଥର ଖୋଦେଇ କର୍ମଶାଳା 'ସ୍ଥାପତ୍ୟ: ଇଟିଂ ଲାଇଭ୍‌ଲିହୁଡ୍ ଅନ୍ ଷ୍ଟୋନ୍' ଆୟୋଜିତ ହୋଇଥିଲା। ଏଥିରେ ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ଉଦୟ ମହାନ୍ତି, ପଦ୍ମଚରଣ ଓଝା, ଇନ୍ଦ୍ରମଣି ମହାରଣା, ମହେଶ୍ୱର ଓଝା, ରାଜେନ୍ଦ୍ର ମିଶ୍ର, ବିନୟ ଭୂଷଣ ଜେନା, ଗୋଲକ ପାତ୍ର ଓ ଭାରତୀୟ ରପ୍ତାନି ସଂଗଠନ ମହାସଂଘ ପକ୍ଷରୁ କୋମଳ କାନ୍ତ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ବିଭାଗ ପକ୍ଷରୁ ଦେବୀ ପ୍ରସନ୍ନ ନନ୍ଦ କର୍ମଶାଳା ସଂଚାଳନ କରିଥିଲେ।

ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ। ୨୩ ତାରିଖ ରବିବାର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ। ୨୪ ତାରିଖରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରୀଷ୍ମକାଳୀନ ଶିବିର ଆୟୋଜନ କରାଯିବ। ଏଥିରେ ପ୍ରତିଭା ପ୍ରଦର୍ଶନ ଲାଗି ନିଃଶୁଳ୍କ ପ୍ରବେଶ ସୁବିଧା ରହିଛି। ସେହିପରି ୨୫ ଓ ୨୬ ତାରିଖରେ କୋଲକାତାସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଂ ସହିତ ଏକ କର୍ମଶାଳା ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ସମାରୋହରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।

## ଖାଉଟି ସୁରକ୍ଷା ଆଇନ ସଚେତନତା

ଭୁବନେଶ୍ୱର,୨୨।୩ (ସୁଚିସ୍ମିତା ସାହୁ)

ୟୁନିଭର୍ସିଟି ଆଇନ ମହାବିଦ୍ୟାଳୟରେ ଖାଉଟି ସୁରକ୍ଷା ଆଇନ ସମ୍ବନ୍ଧୀୟ ସତର୍କତା ଏବଂ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାହକ ବିବାଦ ସମାଧାନ କମିଶନ୍‌ର କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ମହାପାତ୍ର ଯୋଗଦେଇ ଗ୍ରାହକଙ୍କୁ ସତର୍କ କରାଇବା ସହ ନିଜ ନ୍ୟାୟିକ ଅଧିକାର ଉପରେ ଅବଗତ କରାଇଥିଲେ। ସମ୍ପାଦକ ମନୋଜ କୁମାର ମହାନ୍ତି ଖାଉଟି ସୁରକ୍ଷା ଆଇନର ଅବଲମ୍ବନ ଏବଂ କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ସଦସ୍ୟ ପି. କେ. ପୃଷ୍ଟି ଖାଉଟିସୁରକ୍ଷା ଆଇନ ସମ୍ବନ୍ଧୀୟ ଟିପ୍ପଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପ୍ରିନ୍ସିପାଲ ଡ. ଜ୍ଞାନେନ୍ଦ୍ର କୁମାର ସାହୁ ଯୋଗଦେଇଥିବାବେଳେ ଆଇନ ଛାତ୍ରୀ ପ୍ରାଚୀ ନତାଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳକଙ୍କୁ ଛୁରା ମାଡ଼, ଜଣେ ଗିରଫ

ଭୁବନେଶ୍ୱର,୨୨।୩ (ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ବିବାଦକୁ କେନ୍ଦ୍ର କରି ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା କେନାଲ ରୋଡ୍ ନିକଟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ୨ ନାବାଳକଙ୍କୁ ଛୁରାମାଡ଼ ହୋଇଛି। ଏହି ମାମଲାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନାଞ୍ଚଳର ବିକି ବିକାଶ ଦାସ। ତାଙ୍କଠାରୁ ଅପରାଧରେ ବ୍ୟବହୃତ ଛୁରି ଜବତ ହୋଇଛି। ତେବେ ଘଟଣାରେ ଅଭିଯୁକ୍ତଙ୍କ ସହଯୋଗୀମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଜଣେ ଝିଅ ପାଇଁ ପୀଡ଼ିତ ନାବାଳକ ଓ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା।

## ବିଆଇଆଇଟିଏମ୍‌ର ଗ୍ରାଜୁଏଶନ ସେରିମନି




ଭୁବନେଶ୍ୱର,୨୨।୩(ଅନୁରାଧା ମହାରଣା)

ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେଶନ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ର ଗ୍ରାଜୁଏଶନ ସେରିମନି ଶନିବାର ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବିଆଇଆଇଟିଏମର ଆନ୍ଥେମ୍ ଗାନ କରାଯାଇଥିଲା। ପ୍ରିନ୍ସିପାଲ ପ୍ରଫେସର ଡ. ମିହିର ରଞ୍ଜନ ନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଡିନ୍(ଏକାଡେମିକ୍) ପ୍ରଫେସର ଡ. ଚିନ୍ମୟ କୁମାର ଦାଶ ବିବରଣୀ ପ୍ରଦାନ କରିଥିଲେ। ଏହାପରେ ପରାମର୍ଶଦାତା (ଏକାଡେମିକ୍) ପି. ଆର. ପଟ୍ଟନାୟକ ମନ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ୨୦୨୨-୨୪ ଶିକ୍ଷାବର୍ଷର ଏମ୍‌ବିଏ ଛାତ୍ରୀଛାତ୍ର ଏବଂ ୨୦୧୯-୨୫ ଶିକ୍ଷାବର୍ଷ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଟାଟା ଷ୍ଟିଲ ଲିମିଟେଡ୍‌ର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ପଙ୍କଜ ସତିଜା ଅଭିଭାଷଣ ପ୍ରଦାନ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭକାମନା ଜଣାଇଥିଲେ। ଡିନ୍ (କର୍ପୋରେଟ୍ ଟ୍ରେନିଂ) ଡ. ସୁଦୀପ ଘୋଷ ଧନ୍ୟବାଦ ଦେଇଥିଲେ।

## ସିପିଆଇ (ଏମ୍)ର ରାଜ୍ୟବ୍ୟାପୀ ଆନ୍ଦୋଳନ ଆହ୍ୱାନ

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)

ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହର, ଜନବିରୋଧୀ ପ୍ରି-ପେଡ୍ ସ୍ମାର୍ଟ ମିଟର ସଂଯୋଗ ବର୍ଜନ, ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ଉପଭୋକ୍ତାଙ୍କୁ ମାସରେ ୩୦୦ ୟୁନିଟ ମାଗଣା ବିଦ୍ୟୁତ୍, କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରକୁ ମାଗଣାରେ ବିଦ୍ୟୁତ୍ ଯୋଗାଣ ଏବଂ ବିଦ୍ୟୁତ୍‌ର ଘରୋଇକରଣ ବନ୍ଦ କରିବା ଆଦି ଦାବିରେ ରାଜ୍ୟବ୍ୟାପୀ ପ୍ରତିବାଦ ଓ ଆନ୍ଦୋଳନ କରିବ ସିପିଆଇ(ଏମ୍)। ଶନିବାର ସିପିଆଇ (ଏମ୍) ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ କୁମାର ଦାସ, ପୁଷ୍ପା ଦାଶ ଏବଂ ବଦ୍ରି ନାରାୟଣ ଦାଶ ଉପସ୍ଥିତ ରହି କହିଲେ, ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ନୀତି ପ୍ରଣୟନ କରିବା କର୍ପୋରେଟ ସମର୍ପିତ ତତ୍କାଳୀନ ସରକାରଙ୍କର ଦୂରଦୃଷ୍ଟିହୀନ, ଜନବିରୋଧୀ ତଥା ଐତିହାସିକ ଭୁଲ୍ ଥିଲା। ପରବର୍ତ୍ତୀ ସରକାରମାନେ ଏହି ଜନବିରୋଧୀ ନୀତିକୁ କାର୍ଯ୍ୟକାରୀ କରିଥିବାରୁ ସେମାନେ ମଧ୍ୟ ଆଜିର ବିପର୍ଯ୍ୟୟ ପାଇଁ ଦାୟୀ। ପୂର୍ବତଟ ରେଳପଥକୁ ସ୍ଥାଣୁ କରି ବିଶାଖାପଟଣା ଏବଂ ବିଜୟୱାଡ଼ା ଗୁଣ୍ଟୁର ଓ ଗୁଣ୍ଟକାଲ ସହ ଦକ୍ଷିଣତଟ ରେଳପଥ ଜୋନ୍‌ରେ ରଖାଯିବା, ପୋଲାଭରମ ପ୍ରସଙ୍ଗରେ ରାଜ୍ୟ ସରକାର ନୀରବ ରହିବା ଘଟଣାକୁ ସେମାନେ ସମାଲୋଚନା କରିବା ସହ ମାଲକାନଗିରି ଜିଲାର କ୍ଷତିଗ୍ରସ୍ତ ୧୨ ପଞ୍ଚାୟତର ଜନସାଧାରଣଙ୍କ କ୍ଷତିଭରଣା ସହ ଥଇଥାନ, ବୃହତ୍ କମ୍ପାନୀଙ୍କୁ ଦିଆଯାଉଥିବା ଖଣି ଲିଜ୍ ବାତିଲ, ଖଣି ଖନନ ଅଞ୍ଚଳରେ ବଳ ପ୍ରୟୋଗ ଜନଶୁଣାଣୀ ବନ୍ଦ ଏବଂ ଆଦିବାସୀଙ୍କୁ ଦମନ ବନ୍ଦ ପାଇଁ ଦାବି କରାଯାଇଛି।

## ସରସ୍ୱତୀ ଡିଗ୍ରୀ ସାଇନ୍ସ କଲେଜରେ ଛାତ୍ରୀଛାତ୍ର ସମ୍ବର୍ଦ୍ଧନା ଉତ୍ସବ




ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

ଆଇଆଇଟିରେ ବିଜ୍ଞାନରେ ପିଜି ପଢ଼ିବା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା (ଜାମ୍)ରେ କଟକସ୍ଥିତ ସରସ୍ୱତୀ ଡିଗ୍ରୀ ସାଇନ୍ସ କଲେଜର ବହୁ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଶୁଭସ୍ମିତା ଶତପଥୀ ୧୬୭ତମ ର୍‍ୟାଙ୍କରେ ଥିବାବେଳେ ସ୍ୱାତୀ ପାରମିତା ସାହୁ ୪୩୩, ବିଶ୍ୱଜିତ ବାରିକ ୫୮୫ ଓ ଚିନ୍ମୟ ଦ୍ୱିବେଦୀ ୫୮୨ ର୍‍ୟାଙ୍କ ହାସଲ କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ଏହି ଛାତ୍ରୀଛାତ୍ରଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କଲେଜର ପ୍ରତିଷ୍ଠାତା ଚେୟାରମ୍ୟାନ୍ ଡ. ଦେବଦତ୍ତ ସ୍ୱାଇଁ, ଅଧ୍ୟକ୍ଷ (ଏକାଡେମିକ୍) ଡ. ବିଶ୍ୱଜିତ ତ୍ରିପାଠୀ, ଶିକ୍ଷା ପରିଚାଳକ ଇଂ. ଦାଶରଥି ପ୍ରଧାନ, ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତ ସାହୁ, ଜିଓଲୋଜି ଓ ଫିଜିକ୍ସ ବିଭାଗର ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଚେୟାରମ୍ୟାନ ସ୍ୱାଇଁ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୂଚନାଥାଉ କି, ଏହି ଅନୁଷ୍ଠାନର ଛାତ୍ରୀଛାତ୍ର ଆଇଆଇଟି, ଆଇଟି, ନିଟ୍, ଆଇଜର ଓ ନାଇଜର ଆଦି ପରୀକ୍ଷାରେ ପ୍ରତିବର୍ଷ ଉଲ୍ଲେଖନୀୟ ପ୍ରଦର୍ଶନ କରୁଛନ୍ତି। ୨୦୧୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ କଲେଜ ଶତପ୍ରତିଶତ ସଫଳତା ହାସଲ କରିଆସୁଥିବା ସୂଚନା ଦିଆଯାଇଛି।

## ସାରଳା ଦାସଙ୍କ ଲେଖା ସାଂସ୍କୃତିକ, ସାମାଜିକ ବ୍ୟବସ୍ଥାରେ ସଂସ୍କାର ଆଣିଛି

ଭୁବନେଶ୍ୱର,୨୨।୩ (ସୌମ୍ୟରଞ୍ଜନ ରାଉତ)




ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀଙ୍କ ସହ ଅନ୍ୟମାନେ।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାରଳା ଦାସ ଚେୟାର ପକ୍ଷରୁ 'ସାରଳା ସାହିତ୍ୟର ସାମାଜିକ ମୂଲ୍ୟବୋଧ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅସ୍ତିତ୍ୱ ଏବଂ ଅସ୍ମିତାର ଉନ୍ମେଷ ପଞ୍ଚଦଶ ଶତାବ୍ଦୀରେ ଆଦିକବି ସାରଳା ଦାସଙ୍କ ସାହିତ୍ୟ ସାଧନା ଯୋଗୁ ହିଁ ସମ୍ଭବପର ହୋଇଥିଲା। ଆଦିକବି ନିଜ ରଚନା ମାଧ୍ୟମରେ ସାଂସ୍କୃତିକ ଓ ସାମାଜିକ ବ୍ୟବସ୍ଥାରେ ବହୁ ସଂସ୍କାର ଆଣିବା ପାଇଁ ସଫଳ ପ୍ରୟାସ କରିଥିଲେ ବୋଲି ସେ ମତଦେଇଥିଲେ। ଶିକ୍ଷାବିତ୍ ତଥା ସାହିତ୍ୟ ସମାଲୋଚକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସାରଳା ଦାସଙ୍କ ଅନନ୍ୟ ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିଭଙ୍ଗୀ ତାଙ୍କ ରଚନାରେ ପ୍ରତିଫଳିତ ହୋଇ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଏହି ଅବସରରେ ସେ ସାରଳା ସାହିତ୍ୟରେ ଉଲ୍ଲେଖିତ ଓ ସାମାଜିକ ଜୀବନ ଚିତ୍ରର ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ କବି ତଥା ନାଟ୍ୟକାର ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ, ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ଓ ଗବେଷକ ଡ. ଅରବିନ୍ଦ ପଟ୍ଟନାୟକ ଯୋଗଦେଇ ସାରଳା ଦାସଙ୍କ ସାହିତ୍ୟ କୃତିରେ ଓଡ଼ିଆ ଲୋକ ସାହିତ୍ୟ ଓ ଲୋକଭାଷାର ପ୍ରୟୋଗ ସମ୍ପର୍କରେ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିବା ସହ ଆଦିକବିଙ୍କ ଉଚ୍ଚକୋଟୀର କଳ୍ପନା ପ୍ରବଣତା ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ରଙ୍କ ପୁସ୍ତକ 'ଚର୍ଯ୍ୟାଗୀତି ଓ ସାରଳା ସାହିତ୍ୟର ଭାଷା' ଲୋକାର୍ପଣ ହୋଇଥିଲା। ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା, ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ସାରଳା ଦାସଙ୍କ ରଚନାରୁ ବୃନ୍ଦଗାନ ପରିବେଷଣ କରିଥିଲେ। ଡ. ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଭାଷା ଉପରେ ନିର୍ଭର କରେ ସୃଜନଶୀଳତା: ରାଜ୍ୟପାଳ

ବାରଙ୍ଗ/ତ୍ରିଶୂଳିଆ,୨୨।୩
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

**ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ସାହିତ୍ୟ ପର୍ବ 'ତତ୍ତ୍ୱ'**



ସାହିତ୍ୟ ପର୍ବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ସମେତ ଅନ୍ୟମାନେ।

ଭାଷା ଉପରେ ନିର୍ଭର କରେ ସୃଜନଶୀଳତା ଓ ତତ୍ ସମ୍ପର୍କିତ ଗବେଷଣା। ଯେଉଁ ଜାତିର ଭାଷା ଯେତେ ସମୃଦ୍ଧ, ସେ ଜାତି ଓ ଦେଶ ସେତିକି ସମୃଦ୍ଧ। ତେଣୁ ଭାଷାକୁ ଉନ୍ନତ ଓ ପରିମାର୍ଜିତ କରିବା ସଙ୍ଗେ ସଙ୍ଗେ ପରମ୍ପରାର ସଂରକ୍ଷଣ କରିବା ଏବଂ ଏହାକୁ ପ୍ରୋତ୍ସାହନ ଦେବା ମଧ୍ୟ ଆମର ଧ୍ୟେୟ ହେବା ଉଚିତ୍। ଭାଷା-ସାହିତ୍ୟରେ ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣ ଏକ ସୁସ୍ଥ ସମାଜର ନିଦର୍ଶନ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅଧୀନ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗ ପକ୍ଷରୁ ଶନିବାର ଆୟୋଜିତ ସାହିତ୍ୟ ପର୍ବ 'ତତ୍ତ୍ୱ'ରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗଦେଇ ଏହା କହିଥିଲେ। 'ତତ୍ତ୍ୱ: ଦି ଏସେନ୍ସ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର' ଶୀର୍ଷକରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଥିଲା କଳା ଓ ସଂସ୍କୃତିର ଏକ ଉତ୍କୃଷ୍ଟ ଯୁଗଳବନ୍ଦୀ। କାର୍ଯ୍ୟକ୍ରମରେ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗର ଡିନ୍ ତଥା ବିଭାଗୀୟ ମୁଖ୍ୟ ଗୁରୁ ରତିକାନ୍ତ ମହାପାତ୍ର ରାଜ୍ୟପାଳ ଓ ଅନ୍ୟମାନଙ୍କୁ ସ୍ୱାଗତ କରିଥିଲେ। ସାହିତ୍ୟ ଓ ସଂସ୍କୃତିର ଏହି ଉତ୍ସବକୁ ଏକ 'ପର୍ବ' ଭାବରେ ପାଳନ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସଭାପତି ପ୍ରାଧାପିକା ରଜିତା କୁଲକର୍ଣ୍ଣୀ ନିଜ ଅଭିଭାଷଣରେ ତତ୍ତ୍ୱ ହେଉଛି ସମସ୍ତ କଳାତ୍ମକ ସୃଜନଶୀଳତାର ସମାହାର ସ୍ୱୟଂ ଜୀବନ ବୋଲି କହିଥିଲେ।

ଉକ୍ତ କାର୍ଯ୍ୟକ୍ରମ ୫ଟି ଅଧିବେଶନରେ ବିଭକ୍ତ ହୋଇ ରାତି ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମ ଅଧିବେଶନରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ରାହୁଲ ଆଚାର୍ଯ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନେକ ରହସ୍ୟ ଓ ଉପମାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଟିସିଏସ୍, ଭୁବନେଶ୍ୱରର ଅବିନାଶ ସାମଲ ଗୀତା ଅଧ୍ୟୟନ ଦ୍ୱାରା ମାନସିକ ଶାନ୍ତି ପ୍ରଦାନ ନେଇ ବ୍ୟାଖ୍ୟା କରିଥିଲେ। ତୃତୀୟ ଅଧିବେଶନରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଇଲିଆନା ସିତାରିଷ୍ଟି ସମର ନୃତ୍ୟକଳା ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ରୂପକ ପରିଡ଼ା ଚତୁର୍ଥ ଅଧିବେଶନରେ ସଙ୍ଗୀତ ପରିବେଷଣ କରିଥିବାବେଳେ ପଞ୍ଚମ ଅଧିବେଶନରେ ସାହିତ୍ୟିକ ଚିନ୍ତନ ଓ କାହାଣୀ କହିବା କଳା ସମ୍ପର୍କରେ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ଆଲୋକ ଶ୍ରୀବାସ୍ତବ ବୁଝାଇଥିଲେ। ସନ୍ଧ୍ୟାରେ ହିନ୍ଦୀ ମ୍ୟୁଜିକାଲ ପ୍ଲେ 'ରାମଲାଲା କି ମାତା' ମଞ୍ଚସ୍ଥ ହୋଇଥିଲା। ଭାଷା ସାହିତ୍ୟକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟପାଳଙ୍କ ସମେତ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**ରେଳଧାରଣାରେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ**

ବୋଲଗଡ଼,(ଦେବବ୍ରତ ହୋତା):ବୋଲଗଡ଼ ଟାଉନ ଷ୍ଟେଶନ ନିକଟ ରୋଳସିଂହ ବ୍ରିଜ୍ ତଳ ରେଳଧାରଣାରେ ଏକ ଅଜଣା ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିରହିଛି। ଶନିବାର ଅପରାହ୍ନ ୫ଟାରେ ଏକ ଟ୍ରେନ୍ ଏହି ସ୍ଥାନ ଅତିକ୍ରମ କରିଥିବା ବେଳେ ଧକ୍କା ହୋଇଥିବା ଅନୁମାନ କରାଯାଉଛି। ତେବେ ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ରେଳୱେ ବିଭାଗ ପୋଲିସ ପହଞ୍ଚି ନ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାଲୁଗାଁ,୨୨।୩(ସଂଗ୍ରାମ ପାଇକରାୟ)

୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତା ପ୍ରାଣଦେଇପୁର ଛକଠାରେ ଶୁକ୍ରବାର ରାତ୍ରିରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍ଗୀ ଥାନା କୟଥପଲ୍ଲୀ ଗ୍ରାମର ଅର୍ଜୁନ ମହାରଣା (୪୨)। ସୂଚନା ମୁତାବକ, ଅର୍ଜୁନ କୌଣସି କାମରେ ବାଣପୁର ଆସି ବାଇକ୍‌ରେ ଘରକୁ ଫେରୁଥିଲେ। ରାତ୍ରି ପ୍ରାୟ ୮ଟାରେ ପ୍ରାଣଦେଇପୁର ଛକଠାରେ ଏକ ଟ୍ରକ୍ ତାଙ୍କ ବାଇକ୍ ପଛକୁ ଧକ୍କାଦେଇଥିଲା। ଫଳରେ ଅର୍ଜୁନ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସରେ ପ୍ରଥମେ ଟାଙ୍ଗୀ ହସ୍ପିଟାଲ ଏବଂ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବାଲୁଗାଁ ପୋଲିସ ଉକ୍ତ ଟ୍ରକ୍‌କୁ ଜବତ କରିଥିବା ବେଳେ ଏକ ମାମଲା (ନଂ.୮୪/୨୫) ରୁଜୁକରି ତଦନ୍ତ ଚଳାଇଛି।

### ୮୪୦୦ ଲିଟର ପୋଚ ନଷ୍ଟ, ୬୩୦ ଲିଟର ଦେଶୀମଦ ଜବତ

ବେଗୁନିଆ,୨୨।୩(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ମିଳିତ ଭାବେ ସଦର ରେଞ୍ଜ ଅତିରିକ୍ତ ଅଧିକାରୀ ରାଧାକାନ୍ତ ଭୋଇ ଓ ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ଥାର୍ପା ମାରାଣ୍ଡିଙ୍କ ନେତୃତ୍ୱରେ ଏବଂ ବେଗୁନିଆ ଅବକାରୀ ଥାନା ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୮ହଜାର ୪ଶହ ଲିଟର ପୋଚ ନଷ୍ଟ କରାଯିବା ସହ ୬୩୦ଲିଟର ଦେଶୀ ମଦ ଜବତ ହୋଇଛି। ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବରପଦା ଜଙ୍ଗଲର ବିଭିନ୍ନ ସ୍ଥାନରେ ଚଢ଼ାଉକରାଯାଇ ୬୩୦ ଲିଟର ଦେଶୀ ମଦ ସହ ଆବଶ୍ୟକ ସାମଗ୍ରୀ ଜବତ କରାଯାଇଛି । ୮ହଜାର ୪ଶହ ଲିଟର ପୋଚକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ତେବେ ଚଢ଼ାଉ ପୂର୍ବରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ଥାର୍ପା ମାରାଣ୍ଡି ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଗେଡ଼ିଆପଲ୍ଲୀ ଗ୍ରାମର ଚନ୍ଦ୍ରମଣି ନାୟକ, ବ୍ରଜବନ୍ଧୁ ଦେହୁରୀ ଏବଂ ବୈକୁଣ୍ଠ ନାୟକଙ୍କଠାରୁ ୩୨ଲିଟର ଦେଶୀମଦ ଜବତକରି ସେମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛନ୍ତି।

### ସ୍ପୋର୍ଟ୍ସ ଇଲେଭେନ ବୋଲଗଡ଼ ବିଜୟୀ

ବେଗୁନିଆ,୨୨।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ୍ ଅନ୍ତର୍ଗତ ସିକୋଠାରେ ଚାଲିଥିବା ପ୍ରଥମ ବାର୍ଷିକ ରାଇଜିଂ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ସ୍ପୋର୍ଟ୍ସ ଇଲେଭେନ ବୋଲଗଡ଼ ଏବଂ ସ୍ପୋର୍ଟ୍ସ ଷ୍ଟାର କ୍ଲବ କୁସୁମାଟି ଜଟଣୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୧–୦ ଗୋଲରେ ସ୍ପୋର୍ଟ୍ସ ଇଲେଭେନ ବୋଲଗଡ଼ ବିଜୟୀ ହୋଇଛି। ବୋଲଗଡ଼ର ମନୋରଞ୍ଜନ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ଏମ୍.ଏଚ୍.ବେଗ, ଶରତ ଚନ୍ଦ୍ର ଛୋଟରାୟ ଏବଂ ଚିତ୍ତରଞ୍ଜନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ହୀରାପୁର ସରପଞ୍ଚ ଆରତ ଚନ୍ଦ୍ର ମାଝୀ ଏବଂ ଦୁର୍ଗା ଚରଣ ସ୍ୱାଇଁ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ୯୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ଖୋର୍ଦ୍ଧା/ବାଲୁଗାଁ,୨୨।୩
(ପ୍ରଭାତ ପାଣିଗ୍ରାହୀ/ସଂଗ୍ରାମ ପାଇକରାୟ)


ଗିରଫ ୨ ଅଭିଯୁକ୍ତ ଏବଂ ଜବତ ହୋଇଥିବା ଗଞ୍ଜେଇ, ପିକ୍‌ଅପ୍ ଭ୍ୟାନ୍।

ଖୋର୍ଦ୍ଧା ଜିଲା ବାଲୁଗାଁ ଅବକାରୀ ବିଭାଗ ଏବଂ ଖୋର୍ଦ୍ଧା ମୋବାଇଲ ସ୍କ୍ୱାଡ୍ ମିଳିତଭାବେ ଶନିବାର ଚଢ଼ାଉ କରି ୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱର ଓଭରବ୍ରିଜ ନିକଟରୁ ୯୨୯ କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଚାଲାଣରେ ନିୟୋଜିତ ପିକ୍‌ଅପ୍ ଭ୍ୟାନରେ ନକଲି ନମ୍ବର ପ୍ଲେଟ୍ ଲାଗିଥିବା ବେଳେ ଗାଡ଼ିକୁ ଏସ୍କର୍ଟ ଦେଉଥିବା ଏକ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପିକ୍‌ଅପ୍ ଭ୍ୟାନ୍ ଚାଳକ ନୟାଗଡ଼ ଜିଲା ଓଡ଼ଗାଁ ଥାନା ରଗଡ଼ିମୋଡ଼ା ଗ୍ରାମର ବସନ୍ତ ପାତ୍ର(୨୭) ଏବଂ ବାଇକ୍ ଚାଳକ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଖୋଲାସାହିର ଜିତୁ ନାୟକ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯୩ଲକ୍ଷ ଟଙ୍କା ହେବ। ଗଜପତି ଜିଲା ଅଡ଼ବା ଥାନା ଅଧୀନ ମୋଟାଗାଡ଼ ଅଞ୍ଚଳରୁ ଏହି ଗଞ୍ଜେଇ ପୁରୀକୁ ଚାଲାଣ ହେଉଥିଲା। ଏନେଇ ବାଲୁଗାଁ ଅବକାରୀ ଥାନାରେ ଏକ ମାମଲା (ନଂ.୨୮୨/୨୫)ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ବୋଲି ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ କହିଛନ୍ତି।

ସୂଚନା ମୁତାବକ, ଗଜପତି ଜିଲା ଅଡ଼ବା ଥାନା ଅଧୀନ ମୋଟାଗାଡ଼ ଅଞ୍ଚଳରୁ ଏକ ପିକ୍‌ଅପ୍ ଭ୍ୟାନ୍(ଓଡି଼ଂ୨ସିକେ-୮୭୪୩)ରେ ପୁରୀକୁ ଗଞ୍ଜେଇ ଚାଲାଣ ହେଉଥିଲା। ଆଗରେ ବାଇକ୍ (ଓଆର୦୭କ୍ୟୁ ୧୮୫୬)ରେ ଚାଳକ ଜିତୁ ଏସ୍କର୍ଟ ଦେଉଥିଲେ। ଏହି ସମୟରେ ବାଲୁଗାଁ ଅବକାରୀ ବିଭାଗ ଏବଂ ମୋବାଇଲ ସ୍କ୍ୱାଡ୍ ଟିମ୍ ମିଳିତଭାବେ ପାଟ୍ରୋଲିଂ କରୁଥିଲେ। ଜିତୁ ବାଇକ୍ ଚଳାଇ ଯାଉଥିବା ବେଳେ ବାରମ୍ବାର ପଛକୁ ଚାହୁଁଥିବା ଦେଖି ଅବକାରୀ ଟିମ୍‌ର ସନ୍ଦେହ ହେବାରୁ ତାଙ୍କୁ ଅଟକାଇଥିଲା। ଏହା ପରେ ପାଟ୍ରୋଲିଂ ଟିମ୍ ତାଙ୍କ ବାଇକ୍ ଡିକିରୁ ୫କେଜି ଗଞ୍ଜେଇ ଜବତ କରିଥିଲା। ପରେ ଜିତୁଙ୍କ ସୂଚନା ଆଧାରରେ ପିକ୍‌ଅପ୍ ଭ୍ୟାନ୍ ଅଟକାଇଥିଲେ। ସେଥିରେ ୩୩ଟି ବସ୍ତାରେ ୨୮କେଜି ଲେଖାଏ ଗଞ୍ଜେଇ ପ୍ରାୟ ୯୨୪ କେଜି ଗଞ୍ଜେଇ ଜବତ ହୋଇଥିଲା। ତେବେ ପିକ୍‌ଅପ୍ ଭ୍ୟାନ ଏବଂ ବାଇକ୍‌ରୁ ମୋଟ୍ ୯୨୯ କେଜି ଗଞ୍ଜେଇ ଜବତ ହୋଇଛି। ଏନେଇ ଅବକାରୀ ଅଧୀକ୍ଷକ ତ୍ରିପାଠୀ କୁହନ୍ତି, ବେପାରୀମାନେ ଦିନକୁ ଦିନ ନୂଆ ଉପାୟ ଅବଲମ୍ବନ କରି ଗଞ୍ଜେଇ ଚୋରାଚାଲାଣ କରୁଛନ୍ତି। ଦାମୀ କାର୍, ଆମ୍ବୁଲାନ୍ସ, ଅକ୍ସିଜେନ ସିଲିଣ୍ଡର, ପରିବହନ ଗାଡ଼ି ଆଦିରେ ଚାଲାଣ ହେଉଛି। ଏହି କାରବାରରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଉପରେ ନଜର ରଖାଯାଇଛି। ୧୬ ନମ୍ବର ଜାତୀୟ ରାଜପଥ ଦେଇ ଗଞ୍ଜେଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ଯାନବାହନ ଉପରେ ନଜର ରଖାଯାଇ ଯାଞ୍ଚ କରାଯାଉଛି। ଜିଲାକୁ ନିଶାମୁକ୍ତ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି ବୋଲି ସେ କହିଛନ୍ତି।

**ଗଜପତିରୁ ପୁରୀକୁ ହେଉଥିଲା ଚାଲାଣ**

- ପିକ୍‌ଅପ୍ ଭ୍ୟାନ୍‌ରେ ଲଗାଯାଇଥିଲା ନକଲି ନମ୍ବର ପ୍ଲେଟ୍
- ଏସ୍କର୍ଟ ଦେଉଥିଲେ ବାଇକ୍ ଚାଳକ

# ଖୋର୍ଦ୍ଧାରେ ବଢ଼ୁଛି ଚୋରା ବନ୍ଧୁକ କାରବାର


ଗିରଫ ୩ ଅଭିଯୁକ୍ତ ଏବଂ ଜବତ ବନ୍ଧୁକ ଓ ମୋବାଇଲ୍ ଫୋନ୍।

ଖୋର୍ଦ୍ଧା,୨୨।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହର ସମେତ ଗ୍ରାମାଞ୍ଚଳରେ ଚୋରା ବନ୍ଧୁକ କାରବାର ବଢ଼ିଚାଲିଛି। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଅପହରଣ କରିବା ସହ ବାଟି ଆଦାୟ କରୁଛନ୍ତି। ବିହାର, କୋଲକାତାରୁ ଚୋରା ଦେଶୀ ବନ୍ଧୁକ ଖୋର୍ଦ୍ଧାକୁ ଆସୁଥିବା ଜଣାପଡ଼ିଛି। ଗତ ୭ତାରିଖରେ ନନ୍ଦପୁର ଗ୍ରାମର କେତେଜଣ ଯୁବକ ଛତ୍ରମା ଗ୍ରାମର ଜଣେ ଯୁବକଙ୍କୁ ବନ୍ଧୁକ ଦେଖାଇ କେତେଜଣ ଦୁର୍ବୃତ୍ତ ଉଠାଇନେଇଥିବା ନେଇ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସେହିଭଳି ଗୁରୁବାର କୁମାରବସ୍ତ ଗ୍ରାମର ଜଣେ ଯୁବକଙ୍କୁ ସ୍ୱଷ୍ଟ ଦିବାଲୋକରେ କେତେଜଣ ବନ୍ଧୁକ ଦେଖାଇ କାର୍‌ରେ ଅପହରଣ କରିନେଇଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ସେହିପରି ଶୁକ୍ରବାର ଆଦର୍ଶ ଥାନା ଅନ୍ତର୍ଗତ ଲୋକେଶ୍ୱରପୁର ଗ୍ରାମର ଜଣେ ଯୁବକଙ୍କୁ ବନ୍ଧୁକ ଦେଖାଇ ବଟି ମାଗିବା ଘଟଣାରେ ୩ଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ତେବେ ବନ୍ଧୁକ କେଉଁଠୁ ଆସୁଛି, କିଏ ଏମାନଙ୍କୁ ଯୋଗାଉଛି, ଏହା ପଛର ମାଷ୍ଟରମାଇଣ୍ଡ ନିକଟରେ ପୋଲିସ ପହଞ୍ଚିପାରୁନି। ପୋଲିସ କେବଳ ଅଭିଯୋଗକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସୀମିତ। ଅନ୍ୟପଟେ ଖୋର୍ଦ୍ଧାକୁ ନିଶା, ଅପରାଧମୁକ୍ତ ଲାଗି ପୋଲିସ ସର୍ବଦା ସଜାଗ ରହିଛି ବୋଲି ଏସ୍‌ପି ସାଗରିକା ନାଥ କହିଛନ୍ତି।

# ସଂସ୍କୃତି, ପରମ୍ପରାର ପରିଚୟ ବହନ କରେ ମହୋତ୍ସବ


ପିତାପାଣିଆ ମଞ୍ଚର ରୌପ୍ୟ ଜୟନ୍ତୀ ଏବଂ କବିତା ଆସର ଅବସରରେ ଅତିଥିମାନେ 'ପଞ୍ଚଦୋଳ ପ୍ରସଙ୍ଗ' ପତ୍ରିକା ଉନ୍ମୋଚନ କରୁଛନ୍ତି।

ଜଟଣୀ,୨୨।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ନିକଟ ତଥା ପୁରୀ ଜିଲା ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ହରିରାଜପୁର ମେଳଣ ପଡ଼ିଆରେ ଶୁକ୍ରବାର ପିତାପାଣିଆ ମଞ୍ଚର ରୌପ୍ୟ ଜୟନ୍ତୀ ଏବଂ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଶମ୍ଭୁ ଯୁବ ସଙ୍ଗଠନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କବି ଭିକାରି ଧଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ବକ୍ତାଭାବେ କବି ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ଦାଶରଥି ଶତପଥୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପିପିଲି ବାର୍ ଆସୋସିଏଶନର ସଭାପତି ରାଜକିଶୋର ସ୍ୱାଇଁ, ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର, ସ୍ତମ୍ଭକାର ଅର୍ଜୁନ ଘଡ଼େଇ, ପ୍ରାବନ୍ଧିକ ରଘୁନାଥ ଜେନା, ବାସୁଦେବ ସାହୁ, ନିରୁପମା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ମେଳା, ମହୋତ୍ସବ ସଂସ୍କୃତି ଓ ପରମ୍ପରାର ପରିଚୟ ବହନ କରିବା ସହିତ ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇଥାଏ ବୋଲି ମତପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଅଧ୍ୟାପିକା ସୌଦାମିନୀ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ପଞ୍ଚଦୋଳ ପ୍ରସଙ୍ଗ' ପତ୍ରିକା ଉନ୍ମୋଚନ ହୋଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ପାଇଁ ସାହିତ୍ୟିକ ଡ. ରଜନୀ ରଣସିଂ, ଡା. ସରୋଜିନୀ ପଟ୍ଟନାୟକ, ଗୌତମ ମହାରଣା, ମଧୁସୂଦନ ରାୟ, ପ୍ରୀତୀଶ କୁମାର ବେହେରା ଏବଂ ଆୟୋଜକ ଅନୁଷ୍ଠାନର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ନରେନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ।

### 'ବିଶ୍ୱ ରାଜନୀତିରେ ଜଗତୀକରଣର ପ୍ରଭାବ' ଶୀର୍ଷକ ପାଠଚକ୍ର

ବେଗୁନିଆ,୨୨।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟ ସଭାଗୃହରେ ଶନିବାର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ବିଶ୍ୱ ରାଜନୀତିରେ ଜଗତୀକରଣର ପ୍ରଭାବ' ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବିଭାଗୀୟ ମୁଖ୍ୟ ପଙ୍କଜ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ବିଧୁଭୂଷଣ ରାଉତ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଭାଗୀୟ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ ଏବଂ ଦାମୋଦର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଅଧ୍ୟାପିକା ରୋଜାଲିନ ପାତ୍ରଙ୍କ ତତ୍ତ୍ୱାବଧାନରେ ଚତୁର୍ଥ ସେମିଷ୍ଟର ଛାତ୍ରୀଛାତ୍ରମାନେ ନିଜର ସନ୍ଦର୍ଭ ପାଠ କରିଥିଲେ। ଛାତ୍ରୀ ମମତା ଦାସ, ଲକ୍ଷ୍ମୀପ୍ରିୟା ନାୟକ, ସ୍ୱାତୀଶ୍ରଦ୍ଧା ସାହୁ ଏବଂ ଛାତ୍ର ଅମିତ ବଡ଼ଜେନା, ବିଶ୍ୱଜିତ ସାହୁ ବକ୍ତବ୍ୟରେ ଦିଗ୍‌ଦର୍ଶନ ଦେଇଥିଲେ। ଏଥିରେ ବିଶ୍ୱ ରାଜନୀତି, ବିଶ୍ୱ ଗ୍ରାମ, ବିଶ୍ୱ ବାଣିଜ୍ୟ ଏବଂ ବିଶ୍ୱ ଅର୍ଥନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ପ୍ରୀତିମୟୀ ଦାସ ଧନ୍ୟବାଦ ଦେଇଥିଲେ।

# ଏମ୍‌ପିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ


ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

ଜଟଣୀ,୨୨।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପୁରଠାରେ ୧କୋଟି ୬୭ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ସମ୍ପଦ କେନ୍ଦ୍ର, ୮୭ଲକ୍ଷ ଟଙ୍କା ବିନିମୟରେ ମଳ ଉପଚାର କେନ୍ଦ୍ର ନିର୍ମାଣର ସମ୍ପ୍ରସାରଣ ଏବଂ ୫ଲକ୍ଷ ବିନିମୟରେ କୁଦିଆରୀଠାରେ ନିର୍ମାଣ ହୋଇଥିବା ଗୋଷ୍ଠୀକେନ୍ଦ୍ରକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌର ପରିଷଦର ଅଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ସାମାଜିକ କର୍ମୀ ବିଶ୍ୱରଞ୍ଜନ ବଡ଼ଜେନା, ଏମ୍‌ପିଙ୍କ ପ୍ରତିନିଧି ସତୀଶ ଶର୍ମା, କାଉନ୍‌ସିଲର ଶଶାଙ୍କ ଶେଖର ରାୟ, ବିଷ୍ଣୁ କୁମାର ସାହୁ, ଜଟାଧାରୀ ପ୍ରଧାନ, ନୀଳିମା ସ୍ୱାଇଁ, ପି. ରାଜକୁମାରୀଙ୍କ ସହ ବିଭିନ୍ନ ମହିଳା ଗୋଷ୍ଠୀର ସଦସ୍ୟା ଏବଂ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା, ବାଘମାରୀ ବାଇପାସ୍ ପ୍ରକଳ୍ପର ସମୀକ୍ଷାକଲେ ଏମ୍‌ପି

ଖୋର୍ଦ୍ଧା,୨୨।୩(ପ୍ରଭାତ ପାଣିଗ୍ରାହୀ)

**ଶୀଘ୍ର କାମ ଶେଷ କରିବାକୁ ନିର୍ଦ୍ଦେଶ**

ଖୋର୍ଦ୍ଧା–ବଲାଙ୍ଗୀରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ (ଏନ୍‌ଏଚ୍‌ଏଆଇ) ୫୭ରେ ନିର୍ମାଣାଧୀନ ଖୋର୍ଦ୍ଧା ଓ ବାଘମାରୀ ବାଇପାସ୍ ପ୍ରକଳ୍ପର ସମୀକ୍ଷା କରିଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଶନିବାର ପୂର୍ବାହ୍ନରେ ଏମ୍‌ପି ଷଡ଼ଙ୍ଗୀ ନିର୍ମାଣସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ବିଭାଗୀୟ ଅଧିକାରୀଙ୍କ ସଙ୍ଗେ ଆଲୋଚନା କରିଛନ୍ତି। ଖୋର୍ଦ୍ଧା ଟାଉନ ବାଇପାସ୍ କାମ ଚଳିତ ବର୍ଷ ଅଗଷ୍ଟ ୩୧ ସୁଦ୍ଧା ଏବଂ ବାଘମାରୀସ୍ଥିତ ବାଇପାସ୍ କାମ ୨୦୨୬ ଏପ୍ରିଲ ୧ ପୂର୍ବରୁ ସାରିବାକୁ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘଦିନ ଧରି ଉଭୟ ପ୍ରକଳ୍ପ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଆସୁଥିଲେ। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଷଡ଼ଙ୍ଗୀ ଏହି ପ୍ରକଳ୍ପ ଲାଗି ଉଦ୍ୟମ କରିଥିଲେ। ୨୧୫.୪୯ କୋଟି ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି।

ଶନିବାର ଏମ୍‌ପି ଷଡ଼ଙ୍ଗୀ ଖୋର୍ଦ୍ଧା ଟାଉନ ବାଇପାସ୍ ଓ ବାଘମାରୀ ବାଇପାସ୍ କାମ ସମୀକ୍ଷା କରି କହିଛନ୍ତି, ଖୋର୍ଦ୍ଧା ଟାଉନ ବାଇପାସ୍ ପ୍ରକଳ୍ପ ୨୦୨୨ରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ହାସଲ କରିଥିଲା। ଏହି କାମ ୨୦୨୩ରୁ ଆରମ୍ଭ ହୋଇଛି । ଚଳିତ ବର୍ଷ ଅଗଷ୍ଟ ୩୧ସୁଦ୍ଧା ଏହା ଉଦ୍‌ଘାଟିତ ହେବ। ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ସାରିବା ଲାଗି ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜୁଲାଇ ୨୦ରେ ଉକ୍ତ ପ୍ରକଳ୍ପର ଅଗ୍ରଗତି ନେଇ ସେ ଆଉ ଥରେ ସମୀକ୍ଷା କରିବେ। ଏହି ବାଇପାସ୍ ହେଲେ ଖୋର୍ଦ୍ଧା ଟାଉନରେ ଭିଡ଼ ହ୍ରାସ ପାଇବ। ଜରୁରିକାଳୀନ ଯାନବାହନ ନିର୍ବିଘ୍ନରେ ଯାତାୟାତ କରିବା ସହ ଜନସାଧାରଣ ଉପକୃତ ହେବେ। ସେହିପରି ୫୮ କୋଟି ଟଙ୍କା ବ୍ୟୟରେ ବୋଲଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଘମାରୀ ବାଇପାସ୍ ନିର୍ମାଣ କରାଯିବ। ଏହି ବାଇପାସ୍ ୨୦୨୬ ଏପ୍ରିଲ ୧ରେ ଉଦ୍‌ଘାଟନ କରାଯିବ। ଏହା ପୂର୍ବରୁ କାମ ସାରିବାକୁ ଏମ୍‌ପି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବାଇପାସ୍ ଦ୍ୱାରା ନୟାଗଡ଼, ଫୁଲବାଣୀ, ବଲାଙ୍ଗୀର ଜିଲାବାସୀ ସୁବିଧାରେ ଭୁବନେଶ୍ୱରକୁ ଯାତାୟାତ କରିପାରିବେ। ଏଥିସହ ବାଘମାରୀ ଅଣ୍ଡରପାସ୍ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଓପିଟିସିଏଲ୍ ଅଧିକାରୀଙ୍କୁ ସେମାନଙ୍କ କ୍ଷେତ୍ର ମଧ୍ୟରେ ରହିଥିବା ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ଏମ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ବୋଲଗଡ଼ ନିର୍ବାଚନମଣ୍ଡଳୀର ଇଞ୍ଜିନିୟର ତଥା ସ୍ୱତନ୍ତ୍ର ସଚିବ ଏଲ୍. ପାଢ଼ୀ, ଏନ୍‌ଏଚ୍‌ଏଆଇ ରିଜିଓନାଲ ଅଫିସର ଇଞ୍ଜିନିୟର ସୁନୀଲ କୁମାର, ଏନ୍‌ଏଚ୍‌ଏଆଇ ସର୍କଲ ହେଡ୍ ପ୍ରଭାତ କୁମାର ମାଝୀଙ୍କ ସମେତ ଖୋର୍ଦ୍ଧା ଓ ବାଘମାରୀ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

# 'ଏକାଗ୍ରତା ହିଁ ସଫଳତାର ମୂଳମନ୍ତ୍ର'

ବୋଲଗଡ଼,୨୨।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ନାଉପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଯୋଗଦେଇ ଏକାଗ୍ରତା ହିଁ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ କଳାଙ୍ଗ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ରତିରଞ୍ଜନ ରାଉତରାୟ, ସମ୍ମାନିତ ଅତିଥି ଏବିଇଓ ତଥା ବିଆର୍‌ସିସି କୈଳାସନାଥ ସ୍ୱାଇଁ, ସିଆର୍‌ସିସି ହୃଷୀକେଶ ନାୟକ, ଜୟନ୍ତ ଦାସ, ପଞ୍ଚୁ ଭାରିମଲ୍ଲ, ନବକିଶୋର ସାହୁ, ଆଲୁମ୍ନି କମିଟି ସଭାପତି ବିଭୂତି ସାହୁ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ବିଭାଗରେ କତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କୁମ୍ଭିଲୋକୁ ହରାଇ କେରଙ୍ଗ ଚାମ୍ପିୟନ

ବେଗୁନିଆ,୨୨।୩(ସନ୍ଧ୍ୟାରାଣୀ ମିଶ୍ର)

କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଗୋଡ଼ି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ହେମନ୍ତ କୁମାର ସୁନ୍ଦରାୟ ମେମୋରିଆଲ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟରେ କେରଙ୍ଗ ଟିମ୍ ଚାମ୍ପିୟନ ହୋଇଛି। ଶୁକ୍ରବାର ଫାଇନାଲ ମ୍ୟାଚ୍ କେରଙ୍ଗ ଏବଂ କୁମ୍ଭିଲୋ ଟିମ୍ ମଧ୍ୟରେ ହୋଇଥିଲା। ୪–୩ ପଏଣ୍ଟରେ କେରଙ୍ଗ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ମାନସ ସାମନ୍ତରାୟ ଏବଂ ଜ୍ୟୋତିରଞ୍ଜନ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସଭାରେ ସାମାଜିକ କର୍ମୀ ପରମାନନ୍ଦ ସାହୁ, ପ୍ରଭାକର ବେହେରା, ୱାର୍ଡସଭ୍ୟ ସୁରେଶ ଚନ୍ଦ୍ର ରଣା, ଗୌତମ ପ୍ରଧାନ, ପ୍ରଶାନ୍ତ ନାୟକ, ହେମନ୍ତ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୩ ହଜାର ଟଙ୍କା ଓ ଟ୍ରଫି ଏବଂ ରନର ଅପ୍ ଟିମ୍‌କୁ ୨ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଗଣେଶ ସାହୁ ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ଆଙ୍କୁଲା ସପ୍ତଦୋଳ ମେଳଣରେ ୨୨ ଠାକୁର

ବାଲୁଗାଁ,୨୨।୩(ସଂଗ୍ରାମ ପାଇକରାୟ)


ମେଳଣରେ ଶ୍ରଦ୍ଧାଳୁଙ୍କ ଗହଳି।

ଚିଲିକା ବ୍ଲକ୍ ଅଧୀନ ଆଙ୍କୁଲାଚଟିସ୍ଥିତ ହାଇସ୍କୁଲ ପଡ଼ିଆରେ ୨ଦିନ ଧରି ଅନୁଷ୍ଠିତ ସପ୍ତଦୋଳ ମେଳଣ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଆଖପାଖ ଗ୍ରାମାଞ୍ଚଳରୁ ସୁସଜ୍ଜିତ ବିମାନରେ ୨୨ଠାକୁର ପାଟପଟୁଆର ସହ ଶୋଭାଯାତ୍ରାରେ ସପ୍ତଦୋଳ ପଡ଼ିଆକୁ ଆଗମନ କରିଥିଲେ। ସ୍ଥାନାଧିପତି ବାଲୁଙ୍କେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ମୁଖ୍ୟ ଅତିଥିଭାବେ କଳିଯୁଗେଶ୍ୱର ଦେବ ପ୍ରଥମେ ମେଳଣ ପଡ଼ିଆରେ ବିଜେ କରିଥିଲେ। ପରେ ବାଣପୁରର ଅଧିଷ୍ଠାତ୍ରୀ ମା'ଭଗବତୀଙ୍କ ଆଜ୍ଞାମାଳ ସହ ରଘୁନାଥପୁର ଗ୍ରାମର ଗୁପ୍ତେଶ୍ୱର ଦେବ, ଶିଙ୍ଗେଶ୍ୱର ଗ୍ରାମର ସିଙ୍ଗିନାଥ ଦେବ ଏବଂ କୁଞ୍ଜବିହାରୀ ଦେବ, ପାଇକକୁଶ ଗ୍ରାମର ଲକ୍ଷ୍ମୀନାରାୟଣ ଦେବ ଓ ରାଧାମୋହନ ଦେବ, ପ୍ରାଣଦେଇପୁର ଗୋପୀନାଥ ଦେବ, ଖଣ୍ଡୁଆଳକୋଟ ଜଳେଶ୍ୱର ଦେବ, ଧୂଆଁଳ ଗୋପାଳ ଜୀଉ ଦେବ, ଦାମୋଦରପୁର ଦଧିବାମନ ଦେବ, ସାମନ୍ତସିଂହାରପୁର ବୃନ୍ଦାବନ ଚନ୍ଦ୍ର ଦେବ, ରାହାଣବେଲି ଗ୍ରାମର ସୋମନାଥ ଦେବ ଆଦି ଠାକୁରମାନେ ମେଳଣ ପର୍ବରେ ସାମିଲ ହୋଇଥିଲେ। ହରିବୋଲ, ହୁଳହୁଳି, ଘଣ୍ଟକାହାଳି ସହ ପାରମ୍ପରିକ ବାଦ୍ୟ ଓ ନୃତ୍ୟରେ ମେଳଣସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। ଏହି ଉତ୍ସବ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମେଳଣ ସରିବା ପରେ ସମସ୍ତ ଠାକୁର ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚଳିତ ବର୍ଷ ଲମ୍ବୋଧରପୁର ଗ୍ରାମବାସୀ ଓ ସପ୍ତଦୋଳ କମିଟିର ମିଳିତ ସହଯୋଗରେ ଏହି ଉତ୍ସବ ଶାନ୍ତିଶୃଙ୍ଖଳା ସହ ସମ୍ପାଦନ ହୋଇଥିଲା। ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା ଏବଂ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ଏଥିସହ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହଯୋଗ କରାଯାଇଥିଲା ।

# ସରିଲା ସିମୋର ପଞ୍ଚଦୋଳ ମେଳଣ

ବାଘମାରୀ,୨୨।୩(ମିହିର ରଞ୍ଜନ ମହାପାତ୍ର)

ସିମୋର ଗ୍ରାମସ୍ଥିତ ମେଳଣ ପଡ଼ିଆରେ ଅନୁଷ୍ଠିତ ପଞ୍ଚଦୋଳ ମେଳଣ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଠାରେ ଆଖପାଖ ୧୨ଗ୍ରାମରୁ ୩୨ଟି ବିମାନରେ ଠାକୁରମାନେ ଆସି ବୁଧବାର ବିଳମ୍ବିତ ରାତିରେ ଉପବେଶନ କରିଥିଲେ। ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଉଥିଲା। ତେବେ ଶନିବାର ଅପରାହ୍ନରେ ଭାଗଲାଗି କରାଯାଇଥିଲା। ପରେ ଅବିର ଖେଳ ହୋଇଥିଲା। ଦୋଳମଣ୍ଡପ ଚାରିପଟେ ବିମାନଗୁଡ଼ିକ ବୁଲି ସ୍ୱ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏଥିସହ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ପଣ୍ଡିତ ଦନାର୍ଦ୍ଦନ ମିଶ୍ର ଏବଂ ବେଦଜ୍ଞ ବ୍ରାହ୍ମଣମାନଙ୍କ ମନ୍ତ୍ରପାଠରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ବସ୍ତ୍ରଦାନ କରାଯାଇଥିଲା। କମିଟି ସଭାପତି ମହେନ୍ଦ୍ର ଜେନା, ସମ୍ପାଦକ ଶିବପ୍ରସାଦ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ପ୍ରମୋଦ ସାହୁ, ବସନ୍ତ ଜେନା, ଉପେନ୍ଦ୍ର ବେହେରା, ସୁରଥ ସାହୁ, ଗଙ୍ଗାଧର ଭୋଳ, ସୁରେନ୍ଦ୍ର ଭୋଳ, ଜଗନ୍ନାଥ ମିଶ୍ର, ଇନ୍ଦ୍ରଜିତ ଭୋଳ, ତୁଷାରକାନ୍ତ ମହାନ୍ତି, ଅଶୋକ ମହାନ୍ତି, କେଶବ ପ୍ରଧାନ, ମାଗୁଣି ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ତତ୍ତ୍ୱାବଧାନରେ ପୋଲିସ ମୁତୟନ ହୋଇଥିଲେ।



**୫୦ ୟୁନିଟ୍ ରକ୍ତ ସଂଗ୍ରହ**

ପୁରୀ,(ଅଜିତ୍ କୁମାର ମହାନ୍ତି)- ପୁରୀ ଅର୍ବାନ ଓ ରୁରାଲ ଡେଭେଲପମେଣ୍ଟ କୋପରେଟିଭ୍ ସୋସାଇଟି ଲିଃର ମୁଖ୍ୟ କାର୍ଯ୍ୟାଳୟଠାରେ ଶନିବାର ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ପୁରୀ ମେଡିକାଲ୍ ବ୍ଲଡ୍ ବ୍ୟାଙ୍କ ସହଯୋଗରେ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରକୁ ବ୍ଲଡ୍ ବ୍ୟାଙ୍କର ସମସ୍ତ କର୍ମଚାରୀ, ଏଜେଣ୍ଟ ଓ ସଭ୍ୟାସଭ୍ୟ ସଫଳ କରିଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଯାଇଥିଲା। ଶିବିରକୁ ସୁକାନ୍ତ କୁମାର ମହାପାତ୍ର, ମୋନାଲିସା ମିଶ୍ର କୋଅର୍ଡିନେଟର ଭାବେ କାର୍ଯ୍ୟ କରିଥିଲେ। ଶାନ୍ତନୁ ପାଣ୍ଡେ, ସିଦ୍ଧାର୍ଥ ମିଶ୍ର ଓ ସୁରେଶ କୁମାର ବିଶ୍ୱାଳ ଶିବିର ପରିଚାଳନା କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୩।୨୦୨୫

| | |
|---|---|
| ୫,୬୬,୬୬୦ ଟଙ୍କା | |
| ସୁନା | ୬୦୦ ମିଲିଗ୍ରାମ୍ |
| ରୁପା | ୧୧୯.୮୦୦ ଗ୍ରାମ୍ |

# ଅଦିନିଆ ବର୍ଷାରେ ଉଜୁଡ଼ିଲା ଫସଲ

ଅସ୍ତରଙ୍ଗ/କଣାସ/ପୁରୀ ,୨୨।୩
(ପ୍ରଦୀପ୍ତ କୁମାର ଦୀକ୍ଷିତ/ ବିଭୂତି ଭୂଷଣ ତ୍ରିପାଠୀ/ ଅଜିତ କୁମାର ମହାନ୍ତି)

ଚାଷୀଙ୍କ ପିଛା ଛାଡୁନି ସମସ୍ୟା। କିଛି ଦିନ ତଳେ ଟମାଟୋ ନଷ୍ଟ ହୋଇଥିବାବେଳେ ବର୍ତ୍ତମାନ ଲାଗି ରହିଥିବା କାଳବୈଶାଖୀ ବର୍ଷା ଓ ପବନର ତାଣ୍ଡବ ମୁଗ ଫସଲକୁ ଉଜାଡ଼ି ଦେଇଛି। ଶନିବାର ଦିନତମାମ ଦୀର୍ଘ ସମୟ ବର୍ଷା ପବନ ଫଳରେ ଶହ ଶହ ହେକ୍ଟର ଚାଷଜମିରେ ହୋଇଥିବା ମୁଗ ଫସଲରେ ପାଣି ପଶିଥିବାବେଳେ ତାହା ନଷ୍ଟ ହେବାକୁ ବସିଲାଣି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଅଧିକାଂଶ ଚାଷୀଙ୍କ କ୍ଷେତରେ ମୁଗ ଶୁଖି ଯାଇଥିବାରୁ ଏହା ଅମଳ କରିବାର ପ୍ରକୃଷ୍ଟ ସମୟ ଥିଲା। କେତେଜଣ ଚାଷୀ ମୁଗଖଳାକୁ ବୋହି ଆଣି ଅମଳ କରିସାରିଥିବାବେଳେ ଅନେକ ଚାଷୀଙ୍କ ମୁଗ କ୍ଷେତରେ ହିଁ ରହିଛି। କଟଡ଼ା ଉପରେ ବର୍ଷା ପାଣି ଚାଲୁଛି। ଅମଳ ଫସଲ ଖଳାକୁ ଆସିବା ପୂର୍ବରୁ ଉଜୁଡ଼ିବା ଯୋଗୁ ଚାଷୀ ଭାଙ୍ଗିପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଲରେ ପାଣି ଜମିଯିବାରୁ ଉପୁଡ଼ା ହୋଇ ନ ଥିବା ମୁଗଛୁଇଁରେ ପାଣି ପଶିଯାଇଛି। ଆଗକୁ ଆଉ ବର୍ଷା ହେଲେ ମୁଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ସମ୍ଭାବନା ଦେଖାଦେଇଛି। ତେଣୁ ମୁଗ ମଞ୍ଜିର ଟଙ୍କା ଉଠିବ କି ନାହିଁ ସେନେଇ ସନ୍ଦେହ ଉପୁଜୁଛି ବୋଲି ଜଣେ ଚାଷୀ ପ୍ରତିନିଧି ଜଣାଇଛନ୍ତି।



ଅସ୍ତରଙ୍ଗ ଅଞ୍ଚଳରେ କ୍ଷତିଗ୍ରସ୍ତ ମୁଗ ଚାଷ ।

ଏ ବର୍ଷ ମୁଗ ଚାଷ ଭଲ ହେବ ବୋଲି ଚାଷୀ ଆଶା କରିଥିବାବେଳେ ଏହି ବର୍ଷା ଯୋଗୁ ଜଉ ପୋକ ହେବାର ଅନେକ ସମ୍ଭାବନା ରହିଛି। ଏନେଇ ଅସ୍ତରଙ୍ଗ ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା କହିଛନ୍ତି, ଯଦି ଚାଷୀଙ୍କ ମୁଗ ଫସଲରେ କୌଣସି ରୋଗପୋକ ସମସ୍ୟା ହୁଏ ତେବେ କୃଷି କାର୍ଯ୍ୟାଳୟ ପହଞ୍ଚି ପ୍ରତିକାର ପାଇଁ ଔଷଧ ନେଇ ସିଞ୍ଚନ କରିବ।

କଣାସ ବ୍ଲକରେ ପ୍ରତିବର୍ଷ ବନ୍ୟା ଓ

### କାଳ ସାଜିଲା କାଳବୈଶାଖୀ

ମରୁଡ଼ି ଦାଉ ସାଧୁଥିବାରୁ ଚାଷୀମାନେ ଖରାଟିଆ ଧାନ ଫସଲ ଉପରେ ନିର୍ଭର କରିଥାଆନ୍ତି। ଚଳିତ ବର୍ଷ ଚାଷୀମାନେ କେନାଲ ଜଳ, ଉଠା ଜଳସେଚନ ଓ ମୋଟରଚାଳିତ ପମ୍ପ ଯୋଗେ ଜଳ ମଡ଼ାଇ ଖରାଟିଆ ଧାନ ଚାଷ କରିଥିଲେ ଏବଂ ଭଲ ମଧ୍ୟ ହୋଇଥିଲା। ବର୍ତ୍ତମାନ ଧାନ ଜମିରେ ପାଚି ଯାଇଥିବା ବେଳେ ଅଦିନିଆ ବର୍ଷାରେ ଅନେକ ଜମିରେ ପାଚିଲା ଧାନ ଝଡ଼ିପଡ଼ିଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

ପୁରୀରେ ଶନିବାର ପ୍ରବଳ ବର୍ଷା ହୋଇଛି। ପୂର୍ବାହ୍ନରେ ଆକାଶ ମେଘାଚ୍ଛନ୍ନ ରହିଥିଲା। କିଛି ସମୟ ପରେ ଥଣ୍ଡା ପବନ ବୋହିବା ସହ ଅପରାହ୍ନ ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା। ପରେ କିଛି ସମୟ ଛାଡ଼ିଯାଇ ସନ୍ଧ୍ୟାରେ ପୁଣି ବର୍ଷା ହୋଇଥିଲା। ଗତ କିଛିଦିନ ହେବ ତାତିରେ ଲୋକେ ଆଉଟୁପାଉଟୁ ହେଉଥିବାବେଳେ ବର୍ଷା ଫଳରେ ସାମାନ୍ୟ ଆଶ୍ୱସ୍ତ ଲାଭ କରିଛନ୍ତି। ପୁରୀ ସହରରେ ଅନେକ ଦୋକାନ ବଜାର ବନ୍ଦ ରହିଥିଲା। ସେହିପରି ବଡ଼ଦାଣ୍ଡରେ ବହୁ ଶ୍ରଦ୍ଧାଳୁ ବର୍ଷାରେ ଭିଜି ଯାଇଥିବା ଦେଖିବାକୁ ମିଳିଥିଲା।

## ବିଦ୍ୟୁତ୍ ସେବା ବ୍ୟାହତ

ସାକ୍ଷୀଗୋପାଳ,୨୨।୩ (ଭରତ ରାଉତ)

ସତ୍ୟବାଦୀ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବର୍ଷା ଲାଗି ରହିଛି। ଶନିବାର ମଧ୍ୟାହ୍ନ ୧୨ଟା ୩୫ ପରେ ଆକାଶ ମେଘାଚ୍ଛନ୍ନ ହୋଇ ବର୍ଷା ଆରମ୍ଭ ହୋଇଥିଲା। ଫଳରେ ବର୍ତ୍ତମାନ ସୁଦ୍ଧା ଲଗାଣ ବର୍ଷା ଜାରି ରହିଛି। ବର୍ଷା ସାଙ୍ଗକୁ ପବନ ଘଡ଼ଘଡ଼ି ମଧ୍ୟ ଲାଗି ରହିଛି। ଅଲଗୁମ, ମଧୁବନ, ଶୁକଳ ଅଞ୍ଚଳରେ ପବନର ବେଗ ଅଧିକ ରହିଥିଲା। ବର୍ଷା ପବନ ପାଇଁ ବିଜୁଳି ସେବା ଘଣ୍ଟା ଘଣ୍ଟା ବ୍ୟାହତ ହୋଇଥିଲା। ଅନ୍ୟପଟେ ପ୍ରଚଣ୍ଡ ରୌଦ୍ରତାପ ପରେ ଏହି କାଳବୈଶାଖୀ ବର୍ଷା ସମସ୍ତଙ୍କ ପାଇଁ ଆଶ୍ୱସ୍ତି ଆଣି ଦେଇଛି। ସାକ୍ଷୀଗୋପାଳ ମନ୍ଦିର ସନ୍ନିକଟ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରବେଶ ପଥ ନିକଟରେ ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହିଛି, ଯାହା ଯାତାୟାତରେ ବାଧା ସୃଷ୍ଟି କରିଛି। ସେହିପରି ସାକ୍ଷୀଗୋପାଳ ବଜାର ରାସ୍ତା ସମେତ ଅନେକ ସ୍ଥାନରେ ପାଣି ଜମି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

## ସମୁଦ୍ରରେ ଛଡ଼ାଗଲା ୧୮୦ କଇଁଛ ଶାବକ



ସମୁଦ୍ରକୁ ଛଡାଯାଇଥିବା କଇଁଛ ଶାବକ ।

କୋଣାର୍କ,୨୨।୩(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବନ ବିଭାଗ ପକ୍ଷରୁ ଶନିବାର ଅପରାହ୍ନ ୩ଟା ୩୧ ମିନିଟ୍ ସମୟରେ ୧୮୦ଟି କଇଁଛ ଶାବକଙ୍କୁ ଚନ୍ଦ୍ରଭାଗା ସମୁଦ୍ରରେ ଛଡ଼ାଯାଇଛି। ଚନ୍ଦ୍ରଭାଗା ନୋଳିଆ ସାହିଠାରେ ଥିବା ଅସ୍ଥାୟୀ କଇଁଛ ସୁରକ୍ଷା କେନ୍ଦ୍ରଠାରେ କୋଣାର୍କ ବନ ବିଭାଗ ପକ୍ଷରୁ ସଂଗୃହିତ ଅଲିଭ୍‌ରିଡ୍‌ଲେ କଇଁଛ ଅଣ୍ଡାରୁ ଜନ୍ମ ନେଇଥିବା ୧୮୦ଟି ଶାବକଙ୍କୁ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ଉପସ୍ଥିତିରେ ସୁରକ୍ଷିତ ଭାବେ ଚନ୍ଦ୍ରଭାଗା ସମୁଦ୍ରରେ ଛଡ଼ାଯାଇଛି। ଏହି ଶିଶୁ ଶାବକଙ୍କୁ ସମୁଦ୍ରରେ ଛଡ଼ାଯିବା ସମୟରେ କୋଣାର୍କ ବନାଞ୍ଚଳ ଅଧିକାରୀ କାର୍ଯ୍ୟାଳୟ ଫରେଷ୍ଟର ତପନ କୁମାର ନାୟକ, ଫରେଷ୍ଟ ଗାର୍ଡ ରଶ୍ମିତା ପୃଷ୍ଟିଙ୍କ ସମେତ ବନ କର୍ମଚାରୀ ଉପସ୍ଥିତ ଥିଲେ।



ଉତ୍ତର ପ୍ରଦେଶର ମହିଳା ଓ ଶିଶୁ କଲ୍ୟାଣ କ୍ୟାବିନେଟ ମନ୍ତ୍ରୀ ବେବିରାଣୀ ମୌର୍ଯ୍ୟ ସପରିବାର ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି ।

### ସଂକ୍ଷେପରେ

## ମାଙ୍କଡ଼ ଉପଦ୍ରବ: ବିଲରେ ରହୁନି ପନିପରିବା

ଯୋଗେଶ୍ୱରପୁର,୨୨।୩
(ରଶ୍ମିରଞ୍ଜନ ସାହୁ)

ନୟାହାଟ ଅଞ୍ଚଳର ୬ଟି ପଞ୍ଚାୟତରେ ମାଙ୍କଡ଼ଙ୍କ ଉପଦ୍ରବ ଯୋଗୁ ବିଲ ବାଡ଼ିରେ କୌଣସି ଫସଲ ରହିପାରୁ ନାହିଁ। ମାଙ୍କଡ଼ ଫସଲ କିଆରିରେ ପଶି ବାଇଗଣ, କୋବି, ଭେଣ୍ଡି, କଦଳୀ, ବାଦାମ, ମୂଳା, ବିରି, କୋଳଥ ଇତ୍ୟାଦି ଫସଲ ଖାଇବା ସହ ନଷ୍ଟ କରିଦେଉଛନ୍ତି। ଚାଷୀ ଅନେକ ଟଙ୍କା ଖର୍ଚ୍ଚ କରି ପନିପରିବା ଚାଷ କରୁଥିବାବେଳେ ସେଥିରୁ ୭୦ ଭାଗ ପନିପରିବା ମାଙ୍କଡ଼ ନଷ୍ଟ କରିଦେଉଛନ୍ତି। ବଳକା ୩୦ ଭାଗ ପରିବା ସେମାନେ ବିକ୍ରି ପାଇଁ ବଜାରକୁ ନେଉଛନ୍ତି। ଫଳରେ ଚାଷୀଙ୍କୁ ଏଥିପାଇଁ କ୍ଷତି ସହିବାକୁ ପଡୁଛି। ଏନେଇ ବନ୍ୟ ପ୍ରାଣୀ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଦିନକୁ ଦିନ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଏ ଦିଗରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ରେଞ୍ଜରଙ୍କୁ ଦୃଷ୍ଟି ଦେବାକୁ ଦାବି ହେଉଛି।

## 'କବିତା ହିଁ ସାହିତ୍ୟର ଜୀବନ ଓ ଆତ୍ମା'

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ପତିତପାବନ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଶ୍ୱ କବିତା ଦିବସ ଓ ବନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡ. ବଳରାମ ଦାଶ ସଭାପତିତ୍ୱ କରି କହିଥିଲେ, କବିତାରୁ ହିଁ ସାହିତ୍ୟ ସୃଷ୍ଟି। କଳ୍ପନା, ବାସ୍ତବତା ଓ ଭାବାବେଗରେ ସମାଜର ମାର୍ଗଦର୍ଶକ ହିଁ କବିତା। ମୁଖ୍ୟବକ୍ତା ରୂପେ ପ୍ରଫେସର କୃଷ୍ଣଚନ୍ଦ୍ର କବି, ସମ୍ମାନିତ ଅତିଥି ଭାବେ ପ୍ରଫେସର ଅଜୟ କୁମାର ସାହୁ, ପ୍ରଫେସର ଅଜୟ କୁମାର ପାଣ୍ଡେ ଯୋଗଦେଇ କହିଥିଲେ କବିତା ହିଁ ସାହିତ୍ୟର ଜୀବନ ଓ ଆତ୍ମା। ପାଠକ ହୃଦୟରେ କବିତା ସ୍ୱପ୍ନିଳ ତଥା ଆବେଗ ସୃଷ୍ଟି କରିଥାଏ। ବନ ସମ୍ପଦର ସୁରକ୍ଷା, ସାମୁଦ୍ରିକ ଝଡ଼ରୁ ରକ୍ଷା ତଥା ମହାବାତ୍ୟାରୁ ସୁରକ୍ଷା ଏବଂ ଅଧିକ ମାତ୍ରାରେ ଚାରାରୋପଣ ସହିତ ଜଙ୍ଗଲ ସମ୍ପଦର ସୁରକ୍ଷା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ, କାର୍ତ୍ତିକ କୁମାର ସାହୁ, ସ୍ନେହଲତା ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡ. ଶଶିକାନ୍ତ ରଥ ଧନ୍ୟବାଦ ଦେଇଥିଲେ।

## ତୃତୀୟ ସନ୍ଧ୍ୟାର ନାଟକ 'ଶେଷ ଅଧ୍ୟାୟ' ମଞ୍ଚସ୍ଥ

### ୧୫ଶ ଜାତୀୟସ୍ତରୀୟ ନାଟକ ମହୋତ୍ସବ

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ନାଟ୍ୟ ଅନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ଆୟୋଜିତ ୧୫ଶ ଜାତୀୟସ୍ତରୀୟ ନାଟକ ମହୋତ୍ସବ- ୨୦୨୫ର ତୃତୀୟ ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ନାଟକ 'ଶେଷ ଅଧ୍ୟାୟ' ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଫୌଜଦାରି ବିଚାରପତି ମିନତୀ ଦାସ, ଭୁବନେଶ୍ୱର ଉନ୍ନୟନ ପ୍ରାଧିକାରୀଙ୍କ ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଅନୁଷ୍ଠାନର ଉପଦେଷ୍ଟା ଚିତ୍ତରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ସାଙ୍ଗଠନିକ ସଭ୍ୟ ସିଦ୍ଧାର୍ଥ ରାୟ, ଆୟୋଜକ ଅନୁଷ୍ଠାନର ସଭ୍ୟ ତଥା ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଶରତ ଚନ୍ଦ୍ର ମହାନ୍ତି ଓ ଏ ୱାନ୍ ଔଷଧ ଦୋକାନର ମାଲିକ ବୀଣାପାଣି ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

ସଭାକାର୍ଯ୍ୟରେ ନାଟ୍ୟକାର, ନିର୍ଦ୍ଦେଶକ ମଧୁସୂଦନ ପୂଜାପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର କଳାକାର ବିକାଶ ଦତ୍ତ ଧନ୍ୟବାଦ ଦେଇଥିଲେ। ଉତ୍ସବର ତୃତୀୟ ସନ୍ଧ୍ୟାରେ ଯାଜପୁର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ 'ଶେଷ ଅଧ୍ୟାୟ'। ଗୁରୁ-ଶିଷ୍ୟର ସମ୍ପର୍କ ନେଇ ନାଟକ 'ଶେଷ ଅଧ୍ୟାୟ' ପରିବେଷଣ ହୋଇଛି। ଏହାକୁ ସଞ୍ଜୟ ପ୍ରହରାଜ ରଚନା କରିଥିବା ବେଳେ ହିମାଂଶୁ ମହାନ୍ତି ନିର୍ଦ୍ଦେଶନା ଦେଇଛନ୍ତି। ନାଟକ ପରିଚାଳନାରେ ଶୁକଦେବ ପରିଡ଼ା, ଆଲୋକରେ ସଞ୍ଜୟ ପ୍ରଧାନ, ବେଶଭୂଷାରେ ରିତେଶ ବାରିକ, ମଞ୍ଚରେ ଶରତ ମହାନ୍ତି ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।



ନାଟକ 'ଶେଷ ଅଧ୍ୟାୟ'ର ଏକ ଦୃଶ୍ୟ ।

## ପୃଥକ୍ ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

ସାକ୍ଷୀଗୋପାଳ,୨୨।୩
(ପ୍ରଶାନ୍ତ କୁମାର ବାରିକ୍/ କିଶୋର ମହାପାତ୍ର)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପିପିଲି ଥାନା ଅଧୀନ ନିର୍ମଳା ଛକ ନିକଟରେ ଶନିବାର ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସତ୍ୟବାଦୀ ଥାନା ଅଧୀନ କାଦୁଆ ଛକ ନିକଟରେ ହୋଇଥିବା ଏକ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ସତ୍ୟବାଦୀ ଥାନା ଜୟପୁର ଗ୍ରାମର ଭାସି ମୁଦୁଲି (୫୫)। ଭାସି ହରିରାଜପୁର ମେଳଣ ବୁଲି ଏକ ବାଇକ୍‌ରେ ସମ୍ପର୍କୀୟଙ୍କ ସହ ଫେରୁଥିବାବେଳ ନିର୍ମଳା ଛକରେ ସେମାନଙ୍କୁ ଏକ ଟ୍ରାକ୍ଟର ଧକ୍କା ଦେଇ ତାଙ୍କ ଉପରେ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ସତ୍କାର କରାଯାଇଛି। ଅନ୍ୟପଟେ କାଦୁଆ ଛକ ନିକଟରେ ଏକ ସ୍କୁଟି ଭାରସାମ୍ୟ ହରାଇ ରାଜପଥ ପାର୍ଶ୍ୱରେ ଥିବା ପବନା ବେହେରା (୪୦)ଙ୍କ ଦୋକାନରେ ପିଟି ହୋଇଥିଲା। ଫଳରେ ସ୍କୁଟି ଆରୋହୀ ମଳିପଡ଼ା, ଭୁବନେଶ୍ୱରର ଶୁଭଙ୍କର ବିଶ୍ୱାଳ(୧୯) ଓ ସୌରଭ ଶୁଭମ ମହାପାତ୍ର (୨୦) ଓ ପବନା ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ନିମନ୍ତେ ସମସ୍ତଙ୍କୁ ସ୍ଥାନୀୟ ଲୋକେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଶୁଭଙ୍କର ଓ ସୌରଭଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ନିମାପଡ଼ା,୨୨।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଶେଉଳସାହିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ଓ କମ୍ୟୁନିଟି ପ୍ଲେ-ଗ୍ରାଉଣ୍ଡର ଲୋକାର୍ପଣ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଜର୍ମାନୀର ମାଣ୍ଡେଲ ସ୍ୱାଇ ସଙ୍ଗଠନର ପ୍ରତିନିଧି ଆଲେକ୍‌ଜାଣ୍ଡରା ମାଟ୍ରିଜ୍ ଓ ଷ୍ଟିଫେନ୍ ଅଲବର୍ଷ, ବିଶିଷ୍ଟ ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବୁତ, ଭୁବନେଶ୍ୱର ଏ.ଏସ୍. ବାୟୋ ମେଡିକାଲ୍‌ର ପ୍ରତିଷ୍ଠାତା ରଜତ କୁମାର ସାବୁତ, ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଏହି ଶିକ୍ଷାକେନ୍ଦ୍ରଟି ଏକ କମ୍ୟୁନିଟି ବିଦ୍ୟାଳୟ, ଆମେ ଏକ ଶାନ୍ତି ଓ ସଙ୍ଗତିପୂର୍ଣ୍ଣ ବିଶ୍ୱ ଗଢ଼ିବାକୁ ଚାହୁଁଥିଲେ ପିଲାମାନଙ୍କୁ ଏବେଠାରୁ ଠିକ୍ ଢଙ୍ଗରେ ଗଢ଼ିତୋଳିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ମିନତି ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିକ୍ଷାକେନ୍ଦ୍ରଠାରେ ଏକ କମ୍ୟୁନିଟି ପ୍ଲେ ଗ୍ରାଉଣ୍ଡ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀମାନଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମରକଳା ପ୍ରଦର୍ଶନ ଅତିଥିମାନଙ୍କୁ ବେଶ୍ ବିମୋହିତ କରିଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ପାଦକ ପ୍ରଭାକର ନନ୍ଦ, ଆଶ୍ରୟ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ନମିତା ସାହୁଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ର ସମ୍ପାଦକ ଡ. ବେଣୁଧର ସେନାପତି ଧନ୍ୟବାଦ ଦେଇଥିଲେ।

## 'ଅରଣ୍ୟ ସମ୍ପଦ ହିଁ ଜୀବଜଗତର ଖାଦ୍ୟ ଉତ୍ସ'

### କୋଣାର୍କରେ ବିଶ୍ୱ ବନ ଦିବସ

କୋଣାର୍କ,୨୨।୩(ଜ୍ୟୋତିରାଜ ମହାନ୍ତି)

ପୃଥିବୀପୃଷ୍ଠରେ ସ୍ଥଳଭାଗରେ ବସବାସ କରୁଥିବା ଜୀବଜଗତ ପୂର୍ଣ୍ଣ ରୂପେ ବୃକ୍ଷ ସମ୍ପଦ ଉପରେ ନିର୍ଭରଶୀଳ। ଅରଣ୍ୟ ସମ୍ପଦ ପୃଥିବୀର ଜଳବାୟୁ, ପରିବେଶ, ମୃତ୍ତିକାର ସୁରକ୍ଷା ଓ ସଂରକ୍ଷଣ ସହିତ ଜୀବଜଗତର ପୋଷଣ ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ପ୍ରଭାବିତ କରିଥାଏ। ମୂଳତଃ 'ଅରଣ୍ୟ ସମ୍ପଦ ହିଁ ଜୀବଜଗତର ଖାଦ୍ୟ ଉତ୍ସ' ବୋଲି ବିଶ୍ୱ ବନ ଦିବସ ପାଳନ ଅବସରରେ ବକ୍ତାମାନେ କହିଛନ୍ତି। କୋଣାର୍କ ନିକଟ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବିଶ୍ୱ ବନ ଦିବସ ଶନିବାର ପାଳିତ ହୋଇଯାଇଛି। ଏ.କେ. ବିଦ୍ୟାପୀଠର ଜାତୀୟ ସବୁଜ ବାହିନୀ ସଦସ୍ୟମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ନୂଆଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ଚଳିତବର୍ଷ ଏହି ଦିବସ ପାଳନର ବିଷୟ 'ଅରଣ୍ୟ ଓ ଖାଦ୍ୟ' ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନପାଳ ଯୋଗେନ୍ଦ୍ର ପ୍ରଧାନ, ବନରକ୍ଷୀ ରଶ୍ମିତା ପୃଷ୍ଟି, ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ ବେହେରା, ଶିକ୍ଷୟିତ୍ରୀ ଚିତ୍ରାଞ୍ଜଳି ନାୟକ, ଦିଲୀପ କୁମାର ନାୟକ, ବାଲୁଙ୍କେଶ୍ୱର ବାରିକ ପ୍ରମୁଖ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ଚାରାରୋପଣ କରିବା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ପରାମର୍ଶକ୍ରମେ ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମାନସ ମୁଦୁଲି, ରବୀନ୍ଦ୍ର କୁମାର ଦ୍ୱିବେଦୀ, ସୁରଭି ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ବିଧାନସଭା ଘେରାଉ ନେଇ ଜିଲା କଂଗ୍ରେସର ପ୍ରସ୍ତୁତି ବୈଠକ

ପୁରୀ, ୨୨।୩(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଶନିବାର ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆଗାମୀ ବିଧାନସଭା ଘେରାଉ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜୟନାରାୟଣ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଜିଲାର ମହିଳା, ଯୁବ, ଛାତ୍ର, ପଛୁଆବର୍ଗ ତଥା ଦଳିତବର୍ଗର ନେତା ଓ କର୍ମୀ ଯୋଗଦେଇଥିଲେ। ରାଜ୍ୟରେ ମହିଳା ଚାଲାଣ, ବଳାତ୍କାର, ନିର୍ଯ୍ୟାତନା ଆଦି ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ କଂଗ୍ରେସ ବିଧାୟକଙ୍କୁ ବିଧାନସଭାରେ ଆକ୍ରମଣ କରାଯିବା ଏବଂ ପରବର୍ତ୍ତୀ ସମୟରେ ୭ଦିନ ନିଲମ୍ବନ କରାଯିବା ପ୍ରତିବାଦରେ ଆସନ୍ତା ୨୭ ତାରିଖରେ ବିଧାନସଭା ଘେରାଉ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଏନେଇ ବୈଠକରେ ଆଲୋଚନା ହୋଇଥିଲା। ପ୍ରଦେଶ କଂଗ୍ରେସ ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ଅଭିଲାଷ ମାଣିଆ ଓ ପ୍ରବକ୍ତା ପ୍ରଶାନ୍ତ ଶତପଥୀ ଯୋଗଦେଇ ଜିଲାର ସମସ୍ତ ବିଧାନସଭା କ୍ଷେତ୍ରରୁ କିପରି ଅଧିକରୁ ଅଧିକ ସଂଖ୍ୟକ କର୍ମୀ ଓ ସାଧାରଣ ଜନତା ପ୍ରମୁଖ ଏହି ଆନ୍ଦୋଳନରେ ନିଜକୁ ସାମିଲ କରିବେ ସେନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଭୂଷଣ ଦାସ, ମନୋଜ ରଥ, ବିଦ୍ୟୁଲତା ଆଚାର୍ଯ୍ୟ, ନିରଞ୍ଜନ ରଥ, ଭାସ୍କର ସେଠ, ସୌମ୍ୟକାନ୍ତ ଖୁଣ୍ଟିଆ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା, କାହ୍ନୁଚରଣ ପ୍ରଧାନ, ରାଜା ମହାନ୍ତି, ମନୋଜ କୁମାର ବେହେରା, ଆଶୁତୋଷ ମିଶ୍ର, ବିଶ୍ୱରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ କାର୍ଯ୍ୟାଳୟରେ ୪ ଦିନ ଧରି ବିଏସ୍‌ଏନ୍‌ଏଲ୍ ସେବା ଠପ୍

ନିମାପଡ଼ା,୨୨।୩(ରଞ୍ଜନ ପଟ୍ଟନାୟକ)

ଆଲୋକୀକରଣ ନିମନ୍ତେ ଖୁଣ୍ଟ ପୋତା ପାଇଁ ରାସ୍ତା ପାର୍ଶ୍ୱରେ ଗାତ ଖୋଳାଯିବା ସମୟରେ ମାଟି ତଳେ ଯାଇଥିବା ବିଏସ୍‌ଏନ୍‌ଏଲ୍ ତାର ଛିଡ଼ିଯିବାରୁ ନିମାପଡ଼ାର ମୁଖ୍ୟ ସରକାରୀ କାର୍ଯ୍ୟାଳୟରେ ୪ ଦିନ ହେଲା ଅନ୍‌ଲାଇନ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାରୀ ଏହି ସମସ୍ୟାର ସମାଧାନ ବାଟ ବାହାର କରିବା ପରିବର୍ତ୍ତେ ପରସ୍ପର ଉପରେ ଦୋଷ ଲଦି ଚାଲିଛନ୍ତି।

ସୂଚନା ମୁତାବକ, ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ଆଲୋକୀକରଣ ପାଇଁ ବିଭିନ୍ନ ୱାର୍ଡର ରାସ୍ତାକଡ଼ରେ ଖୁଣ୍ଟପୋତା କାର୍ଯ୍ୟ ଚାଲୁ ରହିଛି। କୋର୍ଟ ନିକଟସ୍ଥ ଏକ କଲ୍ୟାଣ ମଣ୍ଡପ ପାଖରେ ଗାତ ଖୋଳାଯିବା ସମୟରେ ମାଟି ତଳେ ଯାଇଥିବା ବିଏସ୍‌ଏନ୍‌ଏଲ୍ ତାର କ୍ଷତିଗ୍ରସ୍ତ ହୋଇଛି। ୪ଟି ଜାଗାରେ ଏପରି ହେବା ଦ୍ୱାରା କୋର୍ଟ ସମେତ ତହସିଲ, ଜଳସେଚନ ବିଭାଗ, ପୂର୍ତ୍ତ ବିଭାଗ, ବ୍ଲକ ଆଦି ଅନେକ ସରକାରୀ କାର୍ଯ୍ୟାଳୟରେ ଅନ୍‌ଲାଇନ ସେବା ବ୍ୟାହତ ହୋଇଛି। ବିଏସ୍‌ଏନ୍‌ଏଲ୍‌ର ଜଣେ ଅଧିକାରୀଙ୍କ କହିବା ମୁତାବକ, ଏନ୍‌ଏସି ଅଧିକାରୀ ଶ୍ରମିକଙ୍କ ଦ୍ୱାରା ଗାତ ଖୋଳିବା ପରିବର୍ତ୍ତେ ମେଶିନ ଦ୍ୱାରା ଖୋଳିବାରୁ ଭୂତଳ ତାର ନଷ୍ଟ ହୋଇଯାଇଛି। ଫଳରେ ବିଏସ୍‌ଏନ୍‌ଏଲ୍ ସେବା ବ୍ୟାହତ ହୋଇଛି। ଏହାକୁ ଖୁବ୍‌ଶୀଘ୍ର ମରାମତି ପାଇଁ ଚେଷ୍ଟା କରାଯାଉଛି ବୋଲି ଅଧିକାରୀ ଜଣକ କହିଛନ୍ତି। ଏନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଦାଶ କହିଛନ୍ତି, ଯେଉଁ ଘରୋଇ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି, ସେ ମନଇଚ୍ଛା କାମ କରୁଛି। ଫଳରେ ଉକ୍ତ ସଂସ୍ଥା ଏବଂ ଏନ୍‌ଏସି ମଧ୍ୟରେ ଠିକ୍ ତାଳମେଳ ରହୁନି ବୋଲି ଦାଶ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଗୋଟିଏ ଘରୋଇ ସଂସ୍ଥା କାହା ବଳରେ ଏପରି ମନମାନି କରୁଛି? ପ୍ରଶାସନ କ'ଣ ପାଇଁ ଚୁପ୍ ବସିଛି? ଉପମୁଖ୍ୟମନ୍ତ୍ରୀ, ଜିଲାପାଳ ତଥା ଉଚ୍ଚ ପଦସ୍ଥ ଅଫିସର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ସର୍ବଭାରତୀୟ ତୀର୍ଥ ପୁରୋହିତ ମହାସଭାର କାର୍ଯ୍ୟକାରିଣୀ ବୈଠକ ଉଦ୍‌ଘାଟିତ

ପୁରୀ,୨୧।୩(ଅଜିତ୍ କୁମାର ମହାନ୍ତି)

ଅଖିଳ ଭାରତୀୟ ତୀର୍ଥ ପୁରୋହିତ ମହାସଭା ଆନୁକୂଲ୍ୟରେ ସର୍ବଭାରତୀୟ ତୀର୍ଥ ପୁରୋହିତଙ୍କୁ ନେଇ ୨ଦିନିଆ କାର୍ଯ୍ୟକାରିଣୀ ବୈଠକ ଶନିବାର ବଡ଼ଦାଣ୍ଡ ସ୍ଥିତ ହୋଟଲ ଗୁରୁ ଇଷ୍ଟେଟ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଓ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ପଣ୍ଡିତ ରାମକୃଷ୍ଣ ତିୱାରୀ, ମୁଖ୍ୟ ସଂରକ୍ଷକ ପଣ୍ଡିତ ମହେଶ ପାଠକ, ବରିଷ୍ଠ ମହାମନ୍ତ୍ରୀ ନବୀନ ନାଗର ଚତୁର୍ବେଦୀ, ମହାସଭାର ପ୍ରବକ୍ତା ବିନୋଦ ଚତୁର୍ବେଦୀ, ପ୍ରଚାରମନ୍ତ୍ରୀ ମୁକେଶ ସ୍ୱାମୀ, କୋଷାଧ୍ୟକ୍ଷ ବନୱାରୀ ଲାଲ ଶର୍ମା, କାର୍ଯ୍ୟକାରୀ ସଦସ୍ୟ ବିନୋଦମ ଚତୁର୍ବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ତୀର୍ଥର ବିକାଶ ସହିତ ତୀର୍ଥ ପୁରୋହିତମାନଙ୍କର ବିକାଶ ହୋଇପାରିବ ସେ ନେଇ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଜଗନ୍ନାଥ ପୁରୀ ସମେତ ହରିଦ୍ୱାର, ଦ୍ୱାରିକା, ରାମେଶ୍ୱରମ, ସୋମନାଥ, ବେଲୁର, ନାସିକ, ତ୍ରୟମ୍ବକେଶ୍ୱର, ଭୀମା ଶଙ୍କର, ଉଜ୍ଜୟିନୀ, ବଦ୍ରିନାଥ, କେଦାରନାଥ, ଗଙ୍ଗୋତ୍ରୀ, ଯମୁନୋତ୍ରୀ, ଆସାମ, କୁରୁକ୍ଷେତ୍ର, କାଶୀ, ଅଯୋଧ୍ୟା ଆଦି ଦେଶର ୧୦୫ ତୀର୍ଥ ସ୍ଥାନରୁ ପ୍ରାୟ ୩ଶହ ତୀର୍ଥ ପୁରୋହିତ, ପ୍ରତିନିଧି ଯୋଗ ଦେଇଛନ୍ତି। ସମ୍ମିଳନୀ ଉଦ୍‌ଘାଟନ ପୂର୍ବରୁ ଏକ ଶୋଭାଯାତ୍ରା ସଭାସ୍ଥଳରୁ ବାହାରି ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲା। ସମ୍ମିଳନୀର ଆବାହକ ରବି ନାରାୟଣ ଗୁରୁ ଓ ସତ୍ୟ ନାରାୟଣ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ମିଳନୀ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।




ବୈଠକରେ ରାଜ୍ୟସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ ଓ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀଙ୍କ ସମେତ ଅନ୍ୟ ଅତିଥିମାନେ ।

## ଦେବେନ୍ଦ୍ର ଶର୍ମାଙ୍କୁ ଶ୍ରଦ୍ଧାଞ୍ଜଳି

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ ଶନିବାର ଶିଖରପୁରଠାରେ ଦେବେନ୍ଦ୍ରଙ୍କ ମରଶରୀରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏନେଇ ମୋକିମ କହିଛନ୍ତି, ଦେବେନ୍ଦ୍ର ଜଣେ ଦୃଢ଼ମନା ରାଜନେତା। ସେ ନିଜ ନିର୍ବାଚନମଣ୍ଡଳୀ ଆଳିର ସର୍ବାଙ୍ଗୀନ ଉନ୍ନତି ପାଇଁ ସତ୍ ଚେଷ୍ଟିତ ଥିଲେ। ତାଙ୍କ ବିୟୋଗରେ କଂଗ୍ରେସର ଅପୂରଣୀୟ କ୍ଷତି ଘଟିଲା ବୋଲି ମୋକିମ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ବିଶ୍ୱଜିତ୍ ଦାସ, ନିକୁଞ୍ଜ ପଶାୟତ, ଗିରିବାଳା ବେହେରା, ଗୋବିନ୍ଦ ଭୂୟାଁ, ଶରତ ଚନ୍ଦ୍ର ସେଠୀ, ଶୁବାଶିଷ ପଟ୍ଟନାୟକ, କୁନା ଶତପଥୀ, ସତ୍ୟାନନ୍ଦ ରାଉତ, ଅଜୟ ଗୋଚ୍ଛାୟତ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ବିବାଦର ଅନ୍ତ, ନିଯୁକ୍ତ ହେଲେ କଲେଜର ସ୍ଥାୟୀ ଅଧ୍ୟକ୍ଷ

ନିଶ୍ଚିନ୍ତକୋଇଲି,୨୨।୩(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟରେ ଅଧ୍ୟକ୍ଷ ନିଯୁକ୍ତିକୁ କେନ୍ଦ୍ର କରି ଯେଉଁ ବିବାଦ ଲାଗି ରହିଥିଲା ତାହାର ଅନ୍ତ ଘଟିଛି। ଉଚ୍ଚ ଶିକ୍ଷା ବିଭାଗ ଏହି ସମସ୍ୟା ସମାଧାନ ପାଇଁ ମହାବିଦ୍ୟାଳୟର ସ୍ଥାୟୀ ଅଧ୍ୟକ୍ଷ ପାଇଁ ନିଯୁକ୍ତି ଆଦେଶ ଦେଇଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚିଠି ନଂ. ୧୬୧୭୫ ତା ୨୧।୩।୨୦୨୫ରେ କମଳା ନେହେରୁ ମହିଳା ମହାବିଦ୍ୟାଳୟ ଭୁବନେଶ୍ୱରର ବରିଷ୍ଠ ଇଂଲିଶ୍ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ଚମ୍ପତିରାୟଙ୍କୁ ଏହି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ଶତପଥୀ ନିକଟରେ କାର୍ଯ୍ୟରୁ ଅବସର ଗ୍ରହଣ କରିବା ପରେ ନୂତନ ଅଧ୍ୟକ୍ଷ ପଦବୀକୁ ନେଇ ବରିଷ୍ଠ ପ୍ରାଧ୍ୟାପିକା ଡ. ତରୁଲତା ଦେବୀ ଓ ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡାଙ୍କ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଏପରି କି ପଣ୍ଡା ମହାବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱ ନେଇଥିବାବେଳେ ଡ. ତରୁଲତାଙ୍କୁ ଡିଡିଓ ପାୱାର ଦିଆଯାଇଥିଲା। ଫଳରେ ଗୋଟିଏ ମହାବିଦ୍ୟାଳୟରେ ୨ଜଣ କାର୍ଯ୍ୟକର୍ତ୍ତାଙ୍କୁ ନେଇ ବିବାଦ ହୋଇଥିଲା। ଫଳରେ ମହାବିଦ୍ୟାଳୟରେ ଗୋଷ୍ଠୀ ବିବାଦ ହେତୁ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଅପରପକ୍ଷେ ଅଧ୍ୟକ୍ଷ ପଦ ନିମନ୍ତେ ପଣ୍ଡା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

## ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨୨।୩(ଅଶୋକ କୁମାର ମହାପାତ୍ର)

କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ା ଛକ ନିକଟରେ ଘଟିଥିବା ବସ୍ ଦୁର୍ଘଟଣାରେ ଆହତ ବୃଦ୍ଧଙ୍କ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ କଟରପଡ଼ା ଗ୍ରାମପଞ୍ଚାୟତ ସାଙ୍କିଲୋ (ଦଶମାଣିଆ) ଗ୍ରାମର ଦିବ୍ୟାଙ୍ଗ ବୃଦ୍ଧ ରବୀନ୍ଦ୍ର କୁମାର ନାୟକ(୭୦)। ସେ କଟରପଡ଼ା ଛକ ନିକଟରେ ନିଜର ସ୍କୁଟି ଥୋଇ ଠିଆ ହୋଇଥିଲେ। ଏହି ସମୟରେ କେନ୍ଦ୍ରାପଡ଼ା ଜିଲା କୋରୁଆ ଅଞ୍ଚଳରୁ କଟକ ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ବୃଦ୍ଧଙ୍କ ସ୍କୁଟି ଓ ସ୍ଥାନୀୟ ଗ୍ରାମର ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କର ମଧ୍ୟ ଏକ ବାଇକ୍ ଭାଙ୍ଗିରୁଜି ଯାଇଥିଲା। ସ୍ଥାନୀୟ ଲୋକେ ବୃଦ୍ଧଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତଦେହ ବ୍ୟବଚ୍ଛେଦ କରାଯାଇ ପୈତୃକ ଗ୍ରାମକୁ ଅଣାଯାଇଥିଲା। ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶବ ସତ୍କାର କରାଯାଇଛି। ପୁତ୍ର ମୁଖାଗ୍ନି ଦେଇଥିଲେ।

# ‘ଓଡ଼ିଶା, ବିହାର ମଧ୍ୟରେ ସୁସମ୍ପର୍କ ରହିଆସିଛି’


କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟମାନେ।

କଟକ,୨୨।୩(ଶିଳ୍ପା ପ୍ରିୟଦର୍ଶିନୀ)

**ଭାଜପା ପକ୍ଷରୁ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ**

ଭାଜପା କଟକ ଜିଲା ପକ୍ଷରୁ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ବିହାର ଦିବସ ଅବସରରେ ‘ଏକ ଭାରତ ଶ୍ରେଷ୍ଠ ଭାରତ’ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେଇ କହିଛନ୍ତି, ପ୍ରାଚୀନ କାଳରୁ ଓଡ଼ିଶା ଓ ବିହାର ମଧ୍ୟରେ ସୁସମ୍ପର୍କର ରହିଆସିଛି ଏବଂ ଭବିଷ୍ୟତରେ ମଧ୍ୟ ରହିବ। ଏକଦା ଓଡ଼ିଶା ଓ ବିହାର ଗୋଟିଏ କଳିଙ୍ଗ ରାଜ୍ୟ ଥିଲା। ପରବର୍ତ୍ତୀ ସମୟରେ ପୃଥକ ହୋଇ ଦୁଇଟି ରାଜ୍ୟ ଗଠନ ହୋଇଥିଲା। କଳା, ସଂସ୍କୃତି, ସାହିତ୍ୟ, ପରମ୍ପରା, ଆଚାର ବିଚାରରେ ଓଡ଼ିଶା ସହିତ ବିହାରର ସାମଞ୍ଜସ୍ୟ ରହିଛି। କଟକରେ ବିହାର ସରକାରଙ୍କ ପକ୍ଷରୁ ଏକ ଗୋଷ୍ଠୀକେନ୍ଦ୍ର ସ୍ଥାପନ କରାଯିବ ବୋଲି ସିଂଦେଓ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିହାରର ସୂଚନା ପ୍ରଦ୍ୟୋଗିକ ଓ ସଞ୍ଚାର ବିଭାଗ ମନ୍ତ୍ରୀ କୃଷ୍ଣ କୁମାର ମଣ୍ଟୁ, ଅନ୍ୟତମ ଅତିଥି ଭାବେ ବିହାର ଭାଜପାର ପ୍ରବକ୍ତା ମନୋଜ ଶର୍ମା, ବିଧାୟକ ଇଂ. ପ୍ରକାଶ ସେଠୀ, ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ, ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଶ ପଣ୍ଡା, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବସ୍ତୁ, ମହିଳା ନେତ୍ରୀ ସ୍ମୃତି ପଟ୍ଟନାୟକ ଯୋଗଦେଇଥିଲେ। କଟକ ଛଟ୍ ପୂଜା ସମିତି ସଭାପତି ତଥା ଭାଜପା ନେତା ଶୈଳେଶ ବର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

# ସରସ୍ୱତୀ ଡିଗ୍ରୀ ସାଇନ୍ସ କଲେଜରେ ଛାତ୍ରୀଛାତ୍ର ସମ୍ବର୍ଦ୍ଧନା ଉତ୍ସବ



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ଭୁବନେଶ୍ୱର,୨୨।୩ (ଅନୁରାଧା ମହାରଣା)

ଆଇଆଇଟିରେ ବିଜ୍ଞାନରେ ପିଜି ପଢ଼ିବା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା (ଜାମ୍)ରେ କଟକସ୍ଥିତ ସରସ୍ୱତୀ ଡିଗ୍ରୀ ସାଇନ୍ସ କଲେଜର ବହୁ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଶୁଭସ୍ମିତା ଶତପଥୀ ୧୬୭ତମ ର୍ୟାଙ୍କ୍‌ରେ ଥିବାବେଳେ ସ୍ୱାତୀ ପାରମିତା ସାହୁ ୪୩୩, ବିଶ୍ୱଜିତ ବାରିକ ୫୮୫ ଓ ଚିନ୍ମୟ ଦ୍ୱିବେଦୀ ୫୮୨ ର୍ୟାଙ୍କ ହାସଲ କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ଏହି ଛାତ୍ରୀଛାତ୍ରଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କଲେଜର ପ୍ରତିଷ୍ଠାତା ଚେୟାରମ୍ୟାନ୍ ଡ. ଦେବଦତ୍ତ ସ୍ୱାଇଁ, ଅଧ୍ୟକ୍ଷ (ଏକାଡେମିକ୍) ଡ. ବିଶ୍ୱଜିତ ତ୍ରିପାଠୀ, ଶିକ୍ଷା ପରିଚାଳକ ଇଂ. ଦାଶରଥି ପ୍ରଧାନ, ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତ ସାହୁ, ଜିଓଲୋଜି ଓ ଫିଜିକ୍ସ ବିଭାଗର ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଚେୟାରମ୍ୟାନ ସ୍ୱାଇଁ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୂଚନାଥାଉ କି, ଏହି ଅନୁଷ୍ଠାନର ଛାତ୍ରୀଛାତ୍ର ଆଇଆଇଟି, ଆଇଟି, ନିଟ୍, ଆଇଜର ଓ ନାଇଜର ଆଦି ପରୀକ୍ଷାରେ ପ୍ରତିବର୍ଷ ଉଲ୍ଲେଖନୀୟ ପ୍ରଦର୍ଶନ କରୁଛନ୍ତି। ୨୦୧୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ କଲେଜ ଶତପ୍ରତିଶତ ସଫଳତା ହାସଲ କରିଆସୁଥିବା ସୂଚନା ଦିଆଯାଇଛି।

# ‘ଭାଷା ଉପରେ ନିର୍ଭର କରେ ସୃଜନଶୀଳତା’

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସାହିତ୍ୟ ପର୍ବ ‘ତତ୍ତ୍ୱ’**

ବାରଙ୍ଗ/ତ୍ରିଶୂଳିଆ,୨୨।୩ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)


ସାହିତ୍ୟ ପର୍ବରେ ମଞ୍ଚାସୀନ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ସମେତ ଅନ୍ୟମାନେ।

ଭାଷା ଉପରେ ନିର୍ଭର କରେ ସୃଜନଶୀଳତା ଓ ତତ୍ ସମ୍ପର୍କିତ ଗବେଷଣା। ଯେଉଁ ଜାତିର ଭାଷା ଯେତେ ସମୃଦ୍ଧ, ସେ ଜାତି ଓ ଦେଶ ସେତିକି ସମୃଦ୍ଧ। ତେଣୁ ଭାଷାକୁ ଉନ୍ନତ ଓ ପରିମାର୍ଜିତ କରିବା ସଙ୍ଗେ ସଙ୍ଗେ ପରମ୍ପରାର ସଂରକ୍ଷଣ କରିବା ଏବଂ ଏହାକୁ ପ୍ରୋତ୍ସାହନ ଦେବା ମଧ୍ୟ ଆମର ଧ୍ୟେୟ ହେବା ଉଚିତ୍। ଭାଷା-ସାହିତ୍ୟରେ ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣ ଏକ ସୁସ୍ଥ ସମାଜର ନିଦର୍ଶନ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅଧୀନ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗ ପକ୍ଷରୁ ଶନିବାର ଆୟୋଜିତ ସାହିତ୍ୟ ପର୍ବ ‘ତତ୍ତ୍ୱ’ରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗଦେଇ ଏହା କହିଥିଲେ। ‘ତତ୍ତ୍ୱ: ଦି ଏସେନ୍ସ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର’ ଶୀର୍ଷକରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଥିଲା କଳା ଓ ସଂସ୍କୃତିର ଏକ ଉତ୍କୃଷ୍ଟ ଯୁଗଳବନ୍ଦୀ। କାର୍ଯ୍ୟକ୍ରମରେ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗର ଡିନ୍ ତଥା ବିଭାଗୀୟ ମୁଖ୍ୟ ଗୁରୁ ରତିକାନ୍ତ ମହାପାତ୍ର ରାଜ୍ୟପାଳ ଓ ଅନ୍ୟମାନଙ୍କୁ ସ୍ୱାଗତ କରିଥିଲେ। ସାହିତ୍ୟ ଓ ସଂସ୍କୃତିର ଏହି ଉତ୍ସବକୁ ଏକ ‘ପର୍ବ’ ଭାବରେ ପାଳନ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସଭାପତି ପ୍ରାଧ୍ୟାପିକା ରଜିତା କୁଲକର୍ଣ୍ଣୀ ନିଜ ଅଭିଭାଷଣରେ ତତ୍ତ୍ୱ ହେଉଛି ସମସ୍ତ କଳାତ୍ମକ ସୃଜନଶୀଳତାର ସମାହାର ସ୍ୱୟଂ ଜୀବନ ବୋଲି କହିଥିଲେ।

ଉକ୍ତ କାର୍ଯ୍ୟକ୍ରମ ୫ଟି ଅଧିବେଶନରେ ବିଭକ୍ତ ହୋଇ ରାତି ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମ ଅଧିବେଶନରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ରାହୁଲ ଆଚାର୍ଯ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନେକ ରହସ୍ୟ ଓ ଉପମାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଟିସିଏସ୍, ଭୁବନେଶ୍ୱରର ଅବିନାଶ ସାମଲ ଗୀତା ଅଧ୍ୟୟନ ଦ୍ୱାରା ମାନସିକ ଶାନ୍ତି ପ୍ରଦାନ ନେଇ ବ୍ୟାଖ୍ୟା କରିଥିଲେ। ତୃତୀୟ ଅଧିବେଶନରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଇଲିଆନା ଚିତାରିଷ୍ଟି ସମର ନୃତ୍ୟକଳା ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ରୂପକ ପରିଡ଼ା ଚତୁର୍ଥ ଅଧିବେଶନରେ ସଙ୍ଗୀତ ପରିବେଷଣ କରିଥିବାବେଳେ ପଞ୍ଚମ ଅଧିବେଶନରେ ସାହିତ୍ୟିକ ଚିନ୍ତନ ଓ କାହାଣୀ କହିବା କଳା ସମ୍ପର୍କରେ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ଆଲୋକ ଶ୍ରୀବାସ୍ତବ ବୁଝାଇଥିଲେ। ସନ୍ଧ୍ୟାରେ ହିନ୍ଦୀ ମ୍ୟୁଜିକାଲ ପ୍ଲେ ‘ରାମଲାଲା କି ମାତା’ ମଞ୍ଚସ୍ଥ ହୋଇଥିଲା। ଭାଷା ସାହିତ୍ୟକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟପାଳଙ୍କ ସମେତ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣା ଘଟାଇଥିବା ହାଇୱାକୁ ରାସ୍ତାରେ ରଖି ଚାଳକ ଫେରାର

ସାଲେପୁର,୨୨।୩(ଅରବିନ୍ଦ ଭୂୟାଁ)

ସାଲେପୁର ମୁଖ୍ୟରାସ୍ତାରେ ଶନିବାର ଅପରାହ୍ନରେ ଏକ କାରକୁ ପଛପଟୁ ହାଇୱା ଧକ୍କା ଦେଇଥିଲା। ଏହାକୁ ନେଇ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇବାରୁ ଚାଳକ ରାସ୍ତା ମଝିରେ ହାଇୱା ରଖି ଫେରାର ହୋଇଯାଇଛନ୍ତି। ଫଳରେ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ସାଲେପୁର ପୋଲିସ ପହଞ୍ଚି ଅନ୍ୟ ଏକ ଡ୍ରାଇଭର ସହାୟତାରେ ଉକ୍ତ ହାଇୱାକୁ ରାସ୍ତାରୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।


**ଆର୍ଥ ଆୱାର:** ଶକ୍ତି ସଂରକ୍ଷଣ ପାଇଁ କଟକ ବୋର୍ଡ ଅଫ୍ ରେଭେନ୍ୟୁ ଅଫିସ୍‌ରେ ଶନିବାର ଏକ ଘଣ୍ଟା ପାଇଁ ଅନାବଶ୍ୟକସ୍ଥଳେ ଲାଇଟ୍‌ଗୁଡିକ ଲିଭାଇ ଦିଆଯାଇଛି। **(ଫଟୋ: ରାଜକିଶୋର ମହାନ୍ତି)**

## ଡା. ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

ଆଠଗଡ଼,୨୨।୩(ସତ୍ୟପ୍ରସାଦ ରଥ)

ଆଠଗଡ଼ ନଗର ଭାଜପା କାର୍ଯ୍ୟାଳୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାୟଙ୍କ ଉପସ୍ଥିତିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼ ନଗର ମଣ୍ଡଳ ସଭାପତି ହେମନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ଡା. ପ୍ରଧାନ ଜଣେ ଅମାୟିକ ମଣିଷ ଥିଲେ। ସେ ୨ ଥର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏବଂ ଓଡ଼ିଶାରେ ୩ ଥର ଭାଜପା ରାଜ୍ୟ ସଭାପତି ଥିଲେ। ତାଙ୍କ ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ଓଡ଼ିଶାରେ ଭାଜପାର ସଙ୍ଗଠନ ଦୃଢ଼ ହୋଇଥିବାରୁ ଆଜି ଓଡ଼ିଶାର ସରକାର ଗଠନ ହୋଇପାରିଛି ବୋଲି ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ସମ୍ପାଦିକା ହେମାମଞ୍ଜରୀ ଭଞ୍ଜଦେଓ, ବରିଷ୍ଠ କାର୍ଯ୍ୟକର୍ତ୍ତା କ୍ୟାପ୍ଟେନ ପ୍ରଫୁଲ୍ଲ ପରିଡ଼ା, ଭାଜପା ଆଠଗଡ଼ ନଗର ମଣ୍ଡଳ ପୂର୍ବତନ ସଭାପତି ସନ୍ତୋଷ ପଟ୍ଟନାୟକ, ବିବେକାନନ୍ଦ ବେଉରା, ନବକିଶୋର ନାୟକ, ସମୀର ରାଉତ, ଦେବେନ୍ଦ୍ର ସାମଲ, ଗୋବିନ୍ଦ ବେହେରା, ମାନସ ମୁଦୁଲି, ସଞ୍ଜୟ ମହାନ୍ତି, ଅକ୍ଷୟ ମହାପାତ୍ର ତଥା ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ନଚିକେତା ପରମାଣିକ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଉକ୍ତ ସ୍ମୃତିସଭାରେ ଭାଜପା ଆଠଗଡ଼ ନଗର ମଣ୍ଡଳ ସାଧାରଣ ସମ୍ପାଦକ ରମାକାନ୍ତ ସେନାପତି ଧନ୍ୟବାଦ ଦେଇଥିଲେ।

# ‘ଜଳ ସଂରକ୍ଷଣ ପାଇଁ ଛାତ୍ରୀଛାତ୍ର ସଚେତନ ହୁଅନ୍ତୁ’


ଆଲୋଚନାଚକ୍ରରେ ଅତିଥିଙ୍କ ସହ ଉପସ୍ଥିତ ଛାତ୍ରୀଛାତ୍ର।

ବାଙ୍କୀ,୨୩।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବିଶ୍ୱ ଜଳ ଦିବସ ଅବସରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂଗୋଳ ବିଭାଗ ଆନୁକୂଲ୍ୟରେ ଶନିବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରିଜିତ୍ ମିଶ୍ର ସଭାପତିତ୍ୱ କରି ବିଶ୍ୱ ଜଳଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ପ୍ରାଣୀବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଶଶିଭୂଷଣ ମହାପାତ୍ର ଅତିଥି ଭାବେ ଯୋଗଦେଇ କହିଛନ୍ତି, ଜଳ ସଂରକ୍ଷଣ ପାଇଁ ଛାତ୍ରୀଛାତ୍ର ସଚେତନ ହେବା ଆବଶ୍ୟକ। ବିଭାଗର ଛାତ୍ରୀଛାତ୍ର ଜଳ ସଂରକ୍ଷଣ ଓ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଅରିଜିତ୍ ମିଶ୍ର ଧନ୍ୟବାଦ ଦେଇଥିଲେ।

## କଟକ ମିଡ୍‌ଟାଉନ ରୋଟାରୀ କ୍ଲବର ବାର୍ଷିକ ସମୀକ୍ଷା

କଟକ,୨୨।୩(କାର୍ତ୍ତିକ ସାହୁ)

କଟକ ମିଡ୍‌ଟାଉନ ରୋଟାରୀ କ୍ଲବର ବାର୍ଷିକ ସମୀକ୍ଷା ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ପ୍ରଫେସର ଡ. ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ରୋଟାରୀ ଇଣ୍ଟର ନ୍ୟାଶନାଲ ଜିଲା ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର, ରୋଟାରୀ ଜିଲା ପ୍ରଥମ ମହିଳା ଇତୁନ ମହାପାତ୍ର, ଉପପ୍ରାନ୍ତପାଳ ପ୍ରଶାନ୍ତ କୁମାର ରାଉତ ଏବଂ ଇନରହୁଇଲ କ୍ଲବର ସଭାପତି ଡ. ମିତା ଦେବତା ଅତିଥି ଭାବେ ଯୋଗଦେଇଥିଲେ। ବର୍ଷସାରା ହୋଇଥିବା ଉନ୍ନତିମୂଳକ ଓ ଜିଲାର ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ହୋଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ସଂଖ୍ୟକ ବୁଲେଟିନ ‘ମୈତ୍ରୀ’ ଏବଂ ଡ. ଆଶୁତୋଷ ଦେବତାଙ୍କ ଦ୍ୱାରା ରଚିତ ବିଜ୍ଞାନ ପ୍ରବାହ ଉନ୍ମୋଚିତ ହୋଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେତେକ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳାମାନଙ୍କ ଅଧିକାର ଓ ସମ୍ମାନ ପାଇଁ ତଥା ସାମାଜିକ ଓ ଆର୍ଥିକ ଅନଗ୍ରସର ଲୋକଙ୍କୁ ସେବା ଯୋଗାଉଥିବା ଦକ୍ଷତା ବିକାଶ ଅନୁଷ୍ଠାନ ଜନଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସଭାପତି ଡ. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। କ୍ଲବ ସମ୍ପାଦକ ବିଭୂତି ରାଉତ, ଉପାଧ୍ୟକ୍ଷ ଶୈଳେନ୍ଦ୍ର ନାରାୟଣ ଠାକୁର, ଅରୁଣ କୁମାର ଦାଶ, ପୂର୍ବତନ ସଭାପତି ରଜନୀକାନ୍ତ ଶତପଥୀ, କମଳା କୁମାର ମହାନ୍ତି, ନନ୍ଦକିଶୋର ଶତପଥୀ, ରଘୁନାଥ ଭୂତ, କାମାକ୍ଷା ମହତାବ, ଶଶାଙ୍କ ମହାପାତ୍ର, ସମ୍ବିତ କର, ପଙ୍କଜ ରାଜଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ବାଳିକା ବର୍ଗରେ ନର୍ସିଂ, ବାଳକରେ ପଲିଟେକ୍‌ନିକ ଚାମ୍ପିୟନ

କଟକ,୨୨।୩(କାର୍ତ୍ତିକ ସାହୁ)


ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

**ଟ୍ରିମ୍‌ସରେ ଆନ୍ତଃ ଉଇଂ କବାଡ଼ି ଟୁର୍ଣ୍ଣାମେଣ୍ଟ**

ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଚାଲିଥିବା ଆନ୍ତଃ ଉଇଂ କବାଡ଼ି ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଦୁଇଦିନ ଧରି ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ବାଳିକା ଓ ବାଳକ ବର୍ଗରେ ବିଭିନ୍ନ ଉଇଂର ଛାତ୍ରୀଛାତ୍ର ଅଂଶଗ୍ରହଣ କରି କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ବାଳିକା ବର୍ଗରେ ସ୍କୁଲ ଅଫ୍ ନର୍ସିଂ ଦଳ ୨୫ ପଏଣ୍ଟରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିକୁ ହରାଇ ଚାମ୍ପିୟନ୍ ହୋଇଥିଲା। ଏଥିରେ ନର୍ସିଂ ଛାତ୍ରୀ ବିଜୟଲକ୍ଷ୍ମୀ ମିଶ୍ର ଶ୍ରେଷ୍ଠ ଖେଳାଳି ଭାବେ ଗୌରବ ହାସଲ କରିଥିଲେ। ସେହିପରି ବାଳକ ବର୍ଗରେ ପଲିଟେକ୍‌ନିକ୍ ଉଇଂ ୭ ପଏଣ୍ଟରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି-୧କୁ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ପଲିଟେକ୍‌ନିକ୍‌ର ଛାତ୍ର ମୋହିତ୍ କୁମାର ଶ୍ରେଷ୍ଠ ଖେଳାଳି ଭାବେ ଘୋଷିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ବିଜୟୀ ଓ ରନର ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳାଳିମାନେ ରାଜ୍ୟ ତଥା ଜାତୀୟସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଡ. ରଥ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ପାଠ ସହିତ ଖେଳକୁଦ ନିତାନ୍ତ ଜରୁରୀ ବୋଲି କହିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ରଞ୍ଜିତ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସ୍ପୋର୍ଟସ କମ୍ପ୍ଲେକ୍ସର କ୍ରୀଡ଼ା ପ୍ରଶିକ୍ଷକମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ଲିଫ୍ଟ ଅଚଳ, ଫସି ରହିଲେ ରୋଗୀ ସମ୍ପର୍କୀୟ

କଟକ,୨୨।୩(ଶିଳ୍ପା ପ୍ରିୟଦର୍ଶିନୀ)

**ଶିଶୁଭବନ ନୂତନ କୋଠାରେ ଅବ୍ୟବସ୍ଥା**

**■ ସାହାଯ୍ୟ ମାଗିବାରୁ ଦୁର୍ବ୍ୟବହାର କଲେ ନର୍ସ**




କଟକ ଶିଶୁଭବନ ନୂତନ କୋଠାରେ ଥିବା ଲିଫ୍ଟ ଶନିବାର ଅପରାହ୍ନରେ ଅଚଳ ହୋଇପଡିବାରୁ ପ୍ରାୟ ୩୦ ମିନିଟ୍ ଜଣେ ଶିଶୁରୋଗୀଙ୍କ ସମ୍ପର୍କୀୟ ସେଥିରେ ଫସି ରହିଥିଲେ। ସେ ହେଲେ ଭଦ୍ରକ ଜିଲା ଧାମନଗର ଅଞ୍ଚଳର ସନ୍ତୋଷ କୁମାର ପାତ୍ର। ଅପରପକ୍ଷରେ ଲିଫ୍ଟରେ ଫସି ରହିବା ସମ୍ପର୍କରେ ସନ୍ତୋଷଙ୍କ ସ୍ତ୍ରୀ ଜାଣିବା ପରେ ସେଠାରେ ଥିବା ଜଣେ ନର୍ସଙ୍କୁ ସାହାଯ୍ୟ ମାଗିଥିଲେ। ହେଲେ ସେ ତାଙ୍କୁ ସାହାଯ୍ୟ କରିବା ବଦଳରେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଶିଶୁଭବନର ନୂତନ ଜି+୬ କୋଠା ୧ ମାସ ହେବ କାର୍ଯ୍ୟକ୍ଷମ ହୋଇଛି। ଏହି କୋଠାରେ ୭ଟି ଲିଫ୍ଟ ରହିଛି। ଶିଶୁର ଚିକିତ୍ସା ପାଇଁ ସନ୍ତୋଷ କିଛିଦିନ ହେବ ଶିଶୁଭବନରେ ରହୁଛନ୍ତି। ଶନିବାର ସେ ଲିଫ୍ଟରେ ଯାଉଥିବାବେଳେ ହଠାତ୍ ତାହା ଅଚଳ ହୋଇପଡିଥିଲା। ଏହି ସମୟରେ ଲିଫ୍ଟ ଭିତରେ ଥିବା ଆଲାର୍ମ କାମ ନ କରିବା ଓ ମୋବାଇଲ ନେଟ୍‌ୱାର୍କ ନ ଆସିବାରୁ ପ୍ରାୟ ୩୦ ମିନିଟ୍ ଧରି ସେ ହନ୍ତସନ୍ତ ହୋଇଥିଲେ। ବହୁ ଚେଷ୍ଟା ପରେ ଫୋନ୍‌ର ନେଟ୍‌ୱାର୍କ ଆସିବାରୁ ସେ ନିଜ ଝିଆରୀକୁ ମେସେଜ କରି ଲିଫ୍ଟରେ ଫସିଥିବା ଜଣାଇଥିଲେ। ପରେ ଝିଆରୀ ଜଣକ ମେଡିକାଲରେ ଥିବା ସନ୍ତୋଷଙ୍କ ସ୍ତ୍ରୀଙ୍କୁ ଏସମ୍ପର୍କରେ ଜଣାଇଥିଲେ। ଏହାପରେ ସ୍ୱାମୀଙ୍କୁ ଉଦ୍ଧାର କରିବା ପାଇଁ ମେଡ଼ିକାଲରେ ଥିବା ଜଣେ ନର୍ସଙ୍କୁ ସନ୍ତୋଷଙ୍କ ସ୍ତ୍ରୀ ସାହାଯ୍ୟ ମାଗିଥିଲେ। ହେଲେ ସେ ତାଙ୍କୁ ସାହାଯ୍ୟ କରିବା ପାଇଁ ମନା କରିବା ସହ ଦୁର୍ବ୍ୟବହାର କରିଥିଲେ। ପ୍ରାୟ ୩୦ ମିନିଟ୍ ପରେ ମେଡିକାଲ ପକ୍ଷରୁ ଲିଫ୍ଟ ଟେକ୍ନିସିଆନଙ୍କୁ ଡ଼କାଯାଇ ସନ୍ତୋଷଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଶିଶୁଭବନର ନୂତନ କୋଠା ପ୍ରାୟ ୧ ମାସ ହେବ କାର୍ଯ୍ୟକ୍ଷମ ହୋଇଥିବାବେଳେ ଲିଫ୍ଟ ଅଚଳ ହେବା ଓ ଲିଫ୍ଟରେ ଅପରେଟର ନଥିବା ନେଇ ଶିଶୁରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏସମ୍ପର୍କରେ ସନ୍ତୋଷ କହିଛନ୍ତି, ମେଡିକାଲରେ ଲିଫ୍ଟ ଅଚଳ ହେବା ସମ୍ପର୍କରେ କର୍ତ୍ତୃପକ୍ଷ ଜାଣିପାରୁ ନାହାନ୍ତି। ଏପରି କି ଲିଫ୍ଟ ପରିଚାଳନା ପାଇଁ କର୍ମଚାରୀ ନାହାନ୍ତି। ମେଡିକାଲରେ ଶିଶୁରୋଗୀଙ୍କ ସମ୍ପର୍କୀୟଙ୍କୁ ନର୍ସ ଦୁର୍ବ୍ୟହାର କରିବା ଅତ୍ୟନ୍ତ ନିନ୍ଦନୀୟ। ଅପରପକ୍ଷରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି, ମେଡିକାଲରେ ଶିଶୁରୋଗୀଙ୍କ ସମ୍ପର୍କୀୟଙ୍କୁ ସାହାଯ୍ୟ ଓ ଉତ୍ତମ ବ୍ୟବହାର କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ କୋଠାରେ ନୂତନ ସାମଗ୍ରୀ ରହିଛି ହେଲେ କୋଠା ବହୁଦିନ ହେବ କାର୍ଯ୍ୟକାରୀ ହୋଇ ନ ଥିବାରୁ ଲିଫ୍ଟରେ ଏଭଳି ସମସ୍ୟା ଦେଖାଦେଇଛି। ଆଗାମୀ ଦିନରେ ଏଭଳି ସ୍ଥିତି ନ ଉପୁଜିବା ଉପରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

## 'ବାଇଶି ପାହାଚ'ର ୧୭ତମ ସଂସ୍କରଣ ଉନ୍ମୋଚିତ

ଭୁବନେଶ୍ୱର,୨୨।୩
(ସୌମ୍ୟରଞ୍ଜନ ରାଉତ)

ଡା. କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦର ମାସିକ ଆଲୋଚନାଚକ୍ର ଓଡିଶା ଲେଖକ ସମବାୟ ସମିତି ପରିଷଦଠାରେ ଶନିବାର ପ୍ରଭାତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାଟ୍ୟକାର ବିଜୟ କୁମାର ମହାନ୍ତି, ବକ୍ତା ଓ ଆଲୋଚକ ଭାବେ ଇଂ. ଗଣେଶ ଚନ୍ଦ୍ର ପଣ୍ଡା, ଆରତି କର, ସୁକାନ୍ତ ପ୍ରଧାନ, ଦୀପ୍ତି ରଞ୍ଜନ ମହାନ୍ତି, ବିରଜା ପ୍ରସାଦ ଶତପଥୀ, ସିଦ୍ଧାର୍ଥ କାନୁନଗୋ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୮ଟି ଭାଷାରେ ଅନୁଦିତ ହୋଇ ଲୋକପ୍ରିୟତା ଲାଭ କରିଥିବା ପୁସ୍ତକ 'ବାଇଶି ପାହାଚ'ର ୧୭ତମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ପରିଷଦ ସମ୍ପାଦକ ରମାକାନ୍ତ ମିଶ୍ର ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ।

# ୨୦୨୦ ପୂର୍ବ ଦରଖାସ୍ତ ୧୯୯୦ ଆଇନ ଆଧାରରେ ଫଇସଲା ହେବ

## ଅନୁକମ୍ପାମୂଳକ ନିଯୁକ୍ତି ମାମଲା

କଟକ,୨୨।୩(କାର୍ତ୍ତିକ ସାହୁ)

ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ୨୦୨୦ ମସିହାରେ ନୂଆ ଆଇନ ପ୍ରଣୀତ ହେବା ପୂର୍ବରୁ ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତୀୟ ଯେତେସବୁ ଦରଖାସ୍ତ ରହିଛି ସେଗୁଡ଼ିକୁ ୧୯୯୦ ମୂଳ ଆଇନ ଆଧାରରେ ଫଇସଲା କରିବା ଲାଗି ଶନିବାର ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ତାଙ୍କ ରାୟରେ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ଖଣି ନିଗମ ଅଧୀନରେ ଅଲେଖ ଚନ୍ଦ୍ର ଜେନା ଜଣେ ନିୟମିତ କର୍ମଚାରୀ ଭାବେ କାମ କରୁଥିବାବେଳେ ୨୦୧୭ରେ ତାଙ୍କର ଦେହାନ୍ତ ହୋଇଥିଲା। ପରିବାରର ଆର୍ଥିକ ଅବସ୍ଥା ଆଦୌ ଭଲ ନ ଥିବା ଏବଂ ବିଧବା ସ୍ତ୍ରୀଙ୍କ ଅସୁସ୍ଥତା ହେତୁ ପରିବାରର ସର୍ବସମ୍ମତ ନିଷ୍ପତ୍ତିକ୍ରମେ ପୁଅ ଅମିୟ କୁମାର ଜେନା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରମାଣପତ୍ର ସହିତ ଅନୁକମ୍ପାମୂଳକ ନିଯୁକ୍ତି ଲାଗି ଆବେଦନ କରିଥିଲେ। ଏ ସଂକ୍ରାନ୍ତରେ ତଦନ୍ତ ପରେ ୨୦୧୯ରେ ତାଙ୍କୁ ସାକ୍ଷାତ୍କାର ପାଇଁ ଡକାଯାଇଥିଲା। ଅମିୟ ଜଣେ ବାଣିଜ୍ୟ ସ୍ନାତକ ସହିତ ପିଜିଡିସିଏ ଯୋଗ୍ୟତା ହାସଲ କରିଥିବାରୁ ତାଙ୍କୁ ଜୁନିୟର ଆକାଉଣ୍ଟାଣ୍ଟ ପଦରେ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ ୨୦୨୦ରେ ସରକାର ନୂଆ ଆଇନ ପ୍ରଣୟନ କରିବାରୁ ଅମିୟଙ୍କ ଅନୁକମ୍ପାମୂଳକ ନିଯୁକ୍ତି ଆବେଦନକୁ କର୍ତ୍ତୃପକ୍ଷ ୨୦୨୧ରେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏ ସଂକ୍ରାନ୍ତରେ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସୁଫଳ ନ ମିଳିବାରୁ ସେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ଶୁଣାଣି କରି ୨୦୨୧ ମସିହାରେ କର୍ତ୍ତୃପକ୍ଷ ଦେଇଥିବା ଆଦେଶକୁ ନାକଚ କରିଦେବା ସହିତ ୧୯୯୦ ମସିହାର ମୂଳ ଅନୁକମ୍ପାମୂଳକ ଆଇନ ଏବଂ ତାହାର ୨୦୧୬ରେ ଏହାର ସଂଶୋଧନ ଆଧାରରେ ଆବେଦନକାରୀଙ୍କ କଥା ବିଚାର କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟ ମଳୟାନନ୍ଦ ସେଠୀ, ବିନ୍ଦୁସାଗର ସାମନ୍ତରାୟ, ବିଶ୍ୱଜିତ ସ୍ୱାଇଁ, ଅନିଲ ପାଢ଼ୀ ଆଦି ମାମଲାକୁ ନଜିର ଭାବେ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ପ୍ରହଲ୍ଲାଦ କୁମାର ସିଂହ ଏବଂ ଅମିୟ କୁମାର ଛାଟୋଇ ମାମଲା ପରିଚାଳନା କରୁଥିଲେ।

ଇତିମଧ୍ୟରେ ହାଇକୋର୍ଟଙ୍କ ରାୟର ପ୍ରତିଲିପି ଆବେଦନକାରୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିଛନ୍ତି। ସଂଯୋଗକ୍ରମେ ଏହି ମାମଲାର ରାୟ ପ୍ରକାଶ ପାଇବା ପରେ ଓଡ଼ିଶା ସରକାର ତାଙ୍କ କ୍ୟାବିନେଟ ବୈଠକରେ ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ସରକାର ନେଇଥିବା ନିଷ୍ପତ୍ତିରେ ଦର୍ଶାଇଛନ୍ତି ଯେ, ୨୦୨୦ର ସଂଶୋଧିତ ଅନୁକମ୍ପାମୂଳକ ନିଯୁକ୍ତି ଆସିବା ପୂର୍ବରୁ ଯେତେସବୁ ଅନୁକମ୍ପାମୂଳକ ନିଯୁକ୍ତି ଆବେଦନ ରହିଛି, ସେସବୁକୁ ୧୯୯୦ର ମୂଳ ଆଇନ ଆଧାରରେ ବିଚାର କରାଯିବ। ଆବେଦନକାରୀ ଅମିୟ କୁମାର ଜେନାଙ୍କ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଏବଂ ଇତିମଧ୍ୟରେ ରାଜ୍ୟ କ୍ୟାବିନେଟ ଏ ସଂକ୍ରାନ୍ତରେ ନେଇଥିବା ନିଷ୍ପତ୍ତି ନିଯୁକ୍ତି ଆଶାୟୀ ଓ ସେମାନଙ୍କ ପରିବାରରେ ଆଶା ସଞ୍ଚାର କରିଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶନିବାର ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ମହାସଂଗ୍ରାମର ମହାନାୟକ'ର ଏକ ଦୃଶ୍ୟ। (ଫଟୋ: ବିକାଶ ନାୟକ)

# ପ୍ରଥମରୁ ଅଷ୍ଟମ ଶ୍ରେଣୀ ସିଲାବସ୍ ବଦଳିବ

## ୨୦୨୬-୨୭ ଶିକ୍ଷାବର୍ଷରୁ ଲାଗୁହେବ ନୂଆ ସିଲାବସ୍

ଭୁବନେଶ୍ୱର,୨୨।୩(ସୁଚିସ୍ମିତା ସାହୁ)

ପ୍ରଥମରୁ ଅଷ୍ଟମ ଶ୍ରେଣୀ ସିଲାବସ୍‌କୁ ପରିବର୍ତ୍ତନ କରାଯିବ। ଆସନ୍ତା ୨୦୨୬-୨୭ ଶିକ୍ଷାବର୍ଷଠାରୁ ନୂଆ ସିଲାବସ୍ ଲାଗୁ କରାଯିବ ବୋଲି ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କ ସରକାରୀ ବାସଭବନରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ନୂତନ ପାଠ୍ୟକ୍ରମ ପ୍ରସ୍ତୁତି କରାଯିବ। ଏହି ସିଲାବସ୍‌ରେ ଭାଷା, ସଂସ୍କୃତି ଓ ଐତିହ୍ୟକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ମାର୍ଚ୍ଚ ୩୧ ନୁହେଁ, ସେପ୍ଟେମ୍ବର ୧ ସୁଦ୍ଧା ପିଲାର ବୟସ ୬ ବର୍ଷ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ହୋଇଥିବା ଜରୁରୀ। କେନ୍ଦ୍ର ନିୟମ ଅନୁସାରେ, ମାର୍ଚ୍ଚ ୩୧ ସୁଦ୍ଧା ୬ ବର୍ଷ ହୋଇଥିଲେ ହିଁ ସେ ଆଡମିଶନ ନେଇପାରିବ। କିନ୍ତୁ ଓଡିଶାରେ ଏହି ନିୟମକୁ କୋହଳ କରାଯାଇଛି। ସେପ୍ଟେମ୍ବର ୧ ସୁଦ୍ଧା ୬ବର୍ଷ ହେଲେ ପିଲାମାନେ ନାମ ଲେଖିପାରିବେ। ସବୁ ପିଲା ଯେପରି ପାଠପଢ଼ାରେ ସାମିଲ ହୋଇପାରିବେ ସେ ନେଇ ଏଭଳି ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ବ୍ରିଟିଶ ହାତରୁ ଖୋର୍ଦ୍ଧା, ପୁରୀକୁ ଛଡ଼ାଇ ଆଣିଥିଲେ ବକ୍ସି

## ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବରେ 'ମହାସଂଗ୍ରାମର ମହାନାୟକ' ମଞ୍ଚସ୍ଥ

ଭୁବନେଶ୍ୱର,୨୨।୩ (ସୌମ୍ୟରଞ୍ଜନ ରାଉତ)

ସଂସ୍କୃତି ଓ ଧର୍ମଚେତନା ପାଇଁ ପ୍ରସିଦ୍ଧ ଜଗନ୍ନାଥ ମହାପ୍ରଭୁଙ୍କ ଦେଶ ଓଡ଼ିଶାକୁ ଇଂରେଜମାନେ ୧୮୦୩ରେ ଉତ୍ତର ଓ ଦକ୍ଷିଣ ଦିଗରୁ ଅଧିକାର କରିଥିଲେ। କିନ୍ତୁ ମଧ୍ୟ ଓଡ଼ିଶାର କଟକ, ପୁରୀ ଓ ଖୋର୍ଦ୍ଧା ସ୍ୱାଧୀନ ଥିଲା। କାଳକ୍ରମେ ସେମାନେ ଏହି ୩ ଅଞ୍ଚଳକୁ ଅକ୍ତିଆର କରିବା ପରେ ତତ୍କାଳୀନ ଗଜପତି ମହାରାଜା ମୁକୁନ୍ଦଦେବଙ୍କୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ମଧ୍ୟକୁ ପ୍ରବେଶ ବାରଣ କଲେ। ପାଇକ, କୃଷକଙ୍କଠାରୁ ଅଧିକ ଟିକସ ଆଦାୟ କରିବା ସହିତ ଚିଲିକାରୁ ଲୁଣ ମାରିବା ପାଇଁ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି କଲେ। ହେଲେ ଗଜପତି ମୁକୁନ୍ଦଦେବ ଓ ବକ୍ସି ଜଗବନ୍ଧୁ ବିଦ୍ୟାଧର ରାୟ ମହାପାତ୍ର ଏହି ଅତ୍ୟାଚାରକୁ ସହିପାରିଲେନି। ପାଇକମାନେ ବକ୍ସିଙ୍କ ନେତୃତ୍ୱରେ ଯୁଦ୍ଧ କରି ବ୍ରିଟିଶ ଶାସକଙ୍କ ହାତରୁ ଖୋର୍ଦ୍ଧା ଓ ପୁରୀକୁ ଛଡ଼ାଇ ଆଣିଲେ। ଗଜପତି ମହାରାଜ ମୁକୁନ୍ଦଦେବଙ୍କୁ ପୁନଶ୍ଚ ମହାରାଜା ଭାବରେ ଅଭିଷିକ୍ତ କରାଇଥିଲେ। ୧୮୧୭ରେ ଆରମ୍ଭ ହୋଇଥିବା ଯୁଦ୍ଧରେ ପାଇକମାନେ ଖୋର୍ଦ୍ଧା ସହିତ ଗୋଟିଏ ପରେ ଗୋଟିଏ ଅଞ୍ଚଳ ଅଧିକାର କରିଚାଲିଥିଲେ। ଇଂରେଜ ସରକାରଙ୍କ ମେଜର ଫ୍ଲେଚର ସାହେବ ପୁଣି ଅମାନୁଷିକ ଅତ୍ୟାଚାର ଆରମ୍ଭ କରିଦେଲେ। କିନ୍ତୁ ବକ୍ସିଙ୍କ ଯୁଦ୍ଧ ବିଚକ୍ଷଣତାରେ ସେମାନେ ହାରିଯାଇ ମୃତ୍ୟୁବରଣ କଲେ । ପରେ ଇଂରେଜମାନେ ଅଧିକ ଫୌଜ ମଗାଇ ଯୁଦ୍ଧ ଜାରି ରଖିଲେ। ହେଲେ ପାଇକ ବିଦ୍ରୋହରେ ଡରିଯାଇ ଜମିଜମା ଫେରେଇଦେବାର ପ୍ରତିଶ୍ରୁତି ଦେଲେ। ସ୍ଥାନୀୟ ଲୋକେ ପୁଣି ଚିଲିକାରୁ ଲୁଣ ମାରିବାର ଅଧିକାର ପାଇଲେ। ବକ୍ସି ବାଧହୋଇ ସନ୍ଧିରେ ରାଜି ହେଲେ। ୧୮୨୯ରେ କଟକଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ମହାସଂଗ୍ରାମର ମହାନାୟକଙ୍କ ଜୀବନର ଅବସାନ ଘଟିଲା। ଏମିତି ଘଟଣାବଳୀକୁ ନେଇ ରବୀନ୍ଦ୍ର ମଣ୍ଡପଠାରେ ଶନିବାର ମଞ୍ଚସ୍ଥ ହୋଇଛି ବିଶ୍ୱଭୂଷଣ ହରିଚନ୍ଦନଙ୍କ ରଚିତ ତଥା ଧୀର ମଲ୍ଲିକଙ୍କ ନିର୍ଦ୍ଦେଶିତ ନାଟକ 'ମହାସଂଗ୍ରାମର ମହାନାୟକ'।

ଶତାବ୍ଦୀର କଳାକାର ପକ୍ଷରୁ ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅବସରପ୍ରାପ୍ତ ପ୍ରଶାସକ ସହଦେବ ସାହୁ, ନାଟ୍ୟ ନିର୍ଦ୍ଦେଶକ ବିଜୟ ଦାସ, ପ୍ରଯୋଜକ ବିରଞ୍ଚି ନାରାୟଣ ପଣ୍ଡା, ଅନୁଷ୍ଠାନର ସଭାପତି ଗୌରହରି ଦାସ, ସାଧାରଣ ସମ୍ପାଦକ ଧୀର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ନରେନ୍ଦ୍ର ମିଶ୍ରଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ', ହେମନ୍ତ କୁମାର ମହାପାତ୍ରଙ୍କୁ 'ରବୀନ୍ଦ୍ରନାଥ ନାଟ୍ୟକାର ସମ୍ମାନ', ଆହ୍ଲାଦିନୀ କରଙ୍କୁ 'ସୁମିତ୍ରା ସମ୍ମାନ' ଓ ବିଶ୍ୱ ଭୂଷଣ ମହାନ୍ତିଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା।

# ଆଉ ୩ ଦିନ କାଳବୈଶାଖୀ

## ଦୁଇଦିନରେ ୮ ଡିଗ୍ରୀ ଖସିଲା ତାପମାତ୍ରା

ଭୁବନେଶ୍ୱର,୨୨।୩
(ଅନୁରାଧା ମହାରଣା)

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ୨ ଦିନ ଧରି ଘଡ଼ଘଡ଼ି ସହ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ବାରିପଦାରେ ସର୍ବାଧିକ ୧୨୩.୪ ମି.ମି. ବର୍ଷା ରେକର୍ଡ ହୋଇଥିବାବେଳେ ବାଲେଶ୍ୱରରେ ୩୩.୪ ମି.ମି., ରାଉରକେଲାରେ ୩୦.୬ ମି.ମି., ଅନୁଗୋଳରେ ୨୩ ମି.ମି., କଟକରେ ୨୧.୨ ମି.ମି., ତାଳଚେରରେ ୧୭.୮ ମି.ମି. ବର୍ଷା ହୋଇଛି। ଭୁବନେଶ୍ୱରରେ ମଧ୍ୟ ଶନିବାର ଦିନସାରା କୋହଲା ପାଗ ସହ ଝିପିଝିପି ବର୍ଷା ଲାଗିରହିଛି। ଏଠାରେ ୩ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ଆସନ୍ତା ୩ ଦିନ ରାଜ୍ୟରେ କାଳବୈଶାଖୀର ପ୍ରଭାବ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ଓ ସୁନ୍ଦରଗଡ଼ ଆଦି ଜିଲାରେ ବିଜୁଳି ଏବଂ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ରହିଛି। ଏହି ଜିଲାଗୁଡ଼ିକରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଥିବାବେଳେ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିପାରେ। ସେହିପରି ଅନ୍ୟ ୧୪ ଜିଲାକୁ ୟେଲୋ ୱାର୍ନିଂ ରହିଛି।

ଅନ୍ୟପକ୍ଷରେ କାଳବୈଶାଖୀ ପ୍ରଭାବରେ ତାପମାତ୍ରା ଦୁଇଦିନରେ ୮ ଡିଗ୍ରୀ କମିଛି। ଏହାପୂର୍ବରୁ ରାଜ୍ୟରେ ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ୍ ନିକଟବର୍ତ୍ତୀ ହୋଇଥିବାବେଳେ ପାଣିପାଗ ସ୍ଥିତିରେ ଏପରି ହଠାତ୍ ପରିବର୍ତ୍ତନ ଆଶ୍ୱସ୍ତି ଦେଇଛି। ଶନିବାର ଭବାନୀପାଟଣାରେ ଦିନ ତାପମାତ୍ରା ସର୍ବାଧିକ ୩୫.୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବାବେଳେ ସର୍ବନିମ୍ନ ତାପମାତ୍ରା କେନ୍ଦୁଝରଗଡ଼ରେ ୧୬.୧ ଡିଗ୍ରୀ ସେଲସିୟସ୍ ରହିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅସିତ୍



@ ମାନସ



@ ସାଇ ସୋହମ



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୀତି ବିଳମ୍ବ: ଦର୍ଶନ ପାଇଁ ଭକ୍ତ ହଇରାଣ

## ଶ୍ରୀମନ୍ଦିରରେ ପଡ଼ି ସେବାୟତ ଆହତ

### ମହାପ୍ରଭୁଙ୍କର ହେଲା ବଡ଼ମହାସ୍ନାନ

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶନିବାର ନୀତି ବିଳମ୍ବ ଯୋଗୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପ୍ରତୀକ୍ଷାରତ ଭକ୍ତଙ୍କୁ ହଇରାଣ ହେବାକୁ ପଡ଼ିଛି। ମନ୍ଦିର ଭିତରେ ଓ ବାହାରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଛିଡ଼ାହୋଇ ରହିଥିଲେ। ଭିତରକାଠ ନିକଟରେ ଜଣେ ସେବାୟତ ପଡ଼ିଯାଇ ଆହତ ହୋଇଥିବାବେଳେ ରକ୍ତଛିଟା ପଡ଼ିବା କାରଣରୁ ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି।

ପ୍ରାତଃ ସମୟରେ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତରଶୋଧ, ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା ଅନୁଷ୍ଠିତ ହୋଇଥିଲା। ଅବକାଶ ପୂଜା ସରିବା ପରେ ପାଣିଆ ଆପଟ ସେବକ କୃଷ୍ଣଚନ୍ଦ୍ର ଆପଟ ଗରାରେ ପାଣି ଆଣି ଆସୁଥିଲେ। ଏହି ସମୟରେ ଭିତରକାଠ ନିକଟ ପାଣିଘର ପାଖରେ ତାଙ୍କ ଗୋଡ଼ ଖସିଯିବାରୁ ସେ ପଡ଼ିଯାଇଥିଲେ। ଗରାର ବନ୍ଧ ତାଙ୍କ ହାତରେ ପଶିଯିବାରୁ ହାତ କଟି ରକ୍ତ ଝରିଥିଲା। ଶ୍ରୀମନ୍ଦିର ଭିତରେ ରକ୍ତଛିଟା ପଡ଼ିବାରୁ ସଙ୍ଗେସଙ୍ଗେ ଅନ୍ୟ ନୀତି ଓ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇ ଶ୍ରୀବିଗ୍ରହମାନଙ୍କର ବଡ଼ମହାସ୍ନାନ କରାଯାଇଥିଲା। ବଡ଼ମହାସ୍ନାନ ନିମନ୍ତେ ପ୍ରାୟ ୨ଘଣ୍ଟା ଅନ୍ୟ ନୀତିଗୁଡ଼ିକ ବିଳମ୍ବ ହୋଇଥିଲା। ନୀତି ସରିବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା। ତେବେ ଏଥିଯୋଗୁ ଭକ୍ତମାନେ ଧାଡ଼ିରେ ଦୀର୍ଘ ସମୟ ଅପେକ୍ଷା କରିଥିଲେ। ଅପରପକ୍ଷରେ ଆହତ ହୋଇଥିବା କୃଷ୍ଣଚନ୍ଦ୍ରଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ପଠାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ୨୭ରୁ ଆୟୁଷ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଭୁବନେଶ୍ୱର, ୨୨।୩ (ବନ୍ଦନା ସେଠୀ)

ଆସନ୍ତା ୨୭ ତାରିଖରୁ ରାଜ୍ୟବ୍ୟାପୀ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ଆୟୁଷ ଡାକ୍ତର। ଏଥିସହିତ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ଅଲ୍ ଓଡ଼ିଶା ଆୟୁଷ ଡାକ୍ତର ସଂଘ (ଆଓଡା) ପକ୍ଷରୁ ଶନିବାର ରେଡକ୍ରସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଡା. ପ୍ରଶାନ୍ତ କୁମାର ପାଢୀ ସୂଚନା ଦେଇଛନ୍ତି। ଆୟୁଷ ଡାକ୍ତରମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସରକାରୀ ଆୟୁର୍ବେଦ ଓ ହୋମିଓପାଥି ଚିକିତ୍ସକଙ୍କ ସହିତ ସମାନ ଦରମା, ଚାକିରି ସହିତ ଉଚ୍ଚଶିକ୍ଷା ନିମନ୍ତେ ବ୍ୟବସ୍ଥା, ଡାକ୍ତରଖାନାକୁ ନିୟମିତ ଔଷଧ ଯୋଗାଣ, ନିଜର ଓ ନିର୍ଭରଶୀଳ ପରିବାରବର୍ଗଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ କରିବା ଏବଂ ଚାକିରି ସମୟରେ ମୃତ୍ୟୁବରଣ କରୁଥିବା ଡାକ୍ତରଙ୍କ ପରିବାର ପାଇଁ ୪୦ଲକ୍ଷ ଟଙ୍କାର ଏକକାଳୀନ ସହାୟତା ରାଶି ଦାବିରେ ଏହି ଧାରଣା ଦିଆଯିବ। ସରକାରଙ୍କ ଅଣଦେଖା କାରଣରୁ ଧର୍ମଘଟ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ସାଧାରଣ ସମ୍ପାଦକ ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

# ଭାରତରେ ପୁସ୍ତକ ପାଇଁ ଅଧିକ ପାଠକୀୟ ଆଗ୍ରହ ରହିଛି: ଶଶୀ ଥରୁର

## କଳିଙ୍ଗ ସାହିତ୍ୟ ମହୋତ୍ସବର ଦ୍ୱିତୀୟ ଦିବସ

ଭୁବନେଶ୍ୱର,୨୨।୩
(ସୌମ୍ୟରଞ୍ଜନ ରାଉତ)



ମହୋତ୍ସବରେ ଲେଖକ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶଶୀ ଥରୁରଙ୍କ ସହ ଅନ୍ୟ ଅତିଥିମାନେ।

ଅନ୍ୟ ଦେଶ ଅପେକ୍ଷା ଭାରତରେ ପୁସ୍ତକ ପାଇଁ ଅଧିକ ପାଠକୀୟ ଆଗ୍ରହ ରହିଛି। ପୁସ୍ତକ ରଚନା କଲାବେଳେ ରାଜନୈତିକ ଜୀବନର ଆଦର୍ଶଗତ ଦୃଷ୍ଟିଭଙ୍ଗୀ ବାରମ୍ବାର ସାମ୍ନାକୁ ଆସିଲେ ମଧ୍ୟ ତଥ୍ୟଗତ ପ୍ରମାଣ ମାଧ୍ୟମରେ ନିଜ ଲେଖାକୁ ପାଠକଙ୍କ ପାଇଁ ଉପସ୍ଥାପନ କରିବାରେ କୌଣସି ଅସୁବିଧା ହୁଏନାହିଁ। କିନ୍ତୁ ଲେଖାକୁ ଅଧିକ ଗବେଷଣା କରି ବୁଦ୍ଧିମନ୍ତ କରିହେବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଲେଖକ ଶଶୀ ଥରୁର କହିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଚାଲିଥିବା କଳିଙ୍ଗ ସାହିତ୍ୟ ମହୋତ୍ସବର ଶନିବାର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥରୁର କହିଲେ, ଯୁଦ୍ଧରତ ରୁଷିଆ ଓ ୟୁକ୍ରେନ ଭାରତର ଭୂମିକାକୁ ଗ୍ରହଣ କରି ନେଇଛନ୍ତି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ଥରୁର ରାଜନୀତି, ସାହିତ୍ୟ, ଲେଖକଙ୍କ ଭୂମିକା, ନୂଆ ଟ୍ରମ୍ପ ପ୍ରଶାସନ ଓ ଭାରତ -ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଓ ଟାରିଫ ନେଇ ଆଲୋଚନା କରିବା ସହ ସାମ୍ବାଦିକ ସତୀଶ ପଦ୍ମନାଭନ ଓ ଉପସ୍ଥିତ ଲେଖକଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ ।

ଏହି ଅଧିବେଶନକୁ ନାଗାଲାଣ୍ଡର ପର୍ଯ୍ୟଟନ ମନ୍ତ୍ରୀ ଟେମ୍‌ଜେନ ଇମ୍ନା ଆଲଙ୍ଗ୍, କେରଳ ତ୍ରିଭାନକୋର ରାଜକନ୍ୟା ଗୌରୀ ଲକ୍ଷ୍ମୀବାଈ ଏବଂ ପ୍ରଫେସର ଯତୀନ୍ଦ୍ର ନାୟକ ଉଦ୍‌ଘାଟନ କରି ସାହିତ୍ୟ ଓ ପୁରାତନ ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟ ଏକ ଅଧିବେଶନରେ ସାହିତ୍ୟ ଓ ସାଂସ୍କୃତିକ ଉତ୍ଥାନରେ ତ୍ରିଭାନକୋର ରାଜ ପରିବାରର ଅବଦାନ ବିଷୟରେ ତଥ୍ୟଗତ ଉପସ୍ଥାପନା କରାଯାଇଥିଲା। 'ବ୍ରାଣ୍ଡ୍ ଓଡିଶା' ବିଷୟରେ ହୋଇଥିବା ଅଧିବେଶନରେ ଆଇଆଇଟି ଭୁବନେଶ୍ୱର, ଆଇଆଇଏମ୍‌ଟି ଓ ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ଯୋଗଦେଇ ଶିକ୍ଷା, ଗବେଷଣା, ବିଜ୍ଞାନ, କାରିଗରି କୌଶଳ, ସ୍ୱାସ୍ଥ୍ୟ ଓ ଚିକିତ୍ସା ସୁବିଧା ଏବଂ ଶିଳ୍ପ ଓ ଭିତ୍ତିଭୂମି ବିକାଶ ଦିଗରେ ଓଡ଼ିଶାର ଅଗ୍ରଗତିକୁ ପ୍ରଶଂସା କରିଥିଲେ। କଳିଙ୍ଗ ସାହିତ୍ୟ ମହୋତ୍ସବର ପ୍ରତିଷ୍ଠାତା ରଶ୍ମି ରଞ୍ଜନ ପରିଡା ଉପସ୍ଥିତ ଥିଲେ। ଏହି ତିନିଦିନିଆ ମହୋତ୍ସବରେ ଦେଶ ବିଦେଶର ଶତାଧିକ କବି, ଲେଖକ, ସମାଲୋଚକ, ଅଧାପକ ଓ ଗବେଷକ ଯୋଗଦେଇଥିବାବେଳେ ରବିବାର ଉଦ୍‌ଯାପିତ ହେବ।

# ରତ୍ନଭଣ୍ଡାର ଗଣତିମଣତି ସମ୍ପର୍କିତ ତଥ୍ୟ ପ୍ରଦାନ ନେଇ ହାଇକୋର୍ଟରେ ମାମଲା

ପୁରୀ,୨୨।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାରର ଗଣତିମଣତି ନେଇ ରାଜ୍ୟ ସରକାର ତଥ୍ୟ ପ୍ରଦାନ କରିବାକୁ ଦାବି କରି ଆଇନଜୀବୀ ଦିଲୀପ କୁମାର ବରାଳ ଶୁକ୍ରବାର ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ବରାଳ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି ନିମନ୍ତେ ରାଜ୍ୟ ସରକାର ଜଷ୍ଟିସ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଥିଲେ। ୧୬ଜଣଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ତେବେ କମିଟି ଗଠନକୁ ୮ମାସ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ଗଣତିମଣତି ନେଇ କୌଣସି ତଥ୍ୟ ପ୍ରଦାନ କରାଯାଉନାହିଁ। ରତ୍ନଭଣ୍ଡାରରୁ ଅଳଙ୍କାରଗୁଡିକ କଢାଯାଇ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଛି। ତେବେ ଅଳଙ୍କାର କେଉଁ ପରିସ୍ଥିତିରେ ରହିଛି, ସେନେଇ ସବିଶେଷ ବିବରଣୀ ପ୍ରଦାନ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ବରାଳ ଉଚ୍ଚ ନ୍ୟାୟାଳୟରେ ଆବେଦନ ଦାଖଲ କରିଛନ୍ତି।

